# ମଣ୍ଡିରେ ଧାନ ରଖି ଚାଷୀ ହନ୍ତସନ୍ତ

**କାଶୀନଗର,୨୦।୧(ସମିସ)**

ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଓ ଏନ୍ଏସିର ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି । ବହୁ ବିଳମ୍ବରେ ମଣ୍ଡି ଖୋଲିଥିଲେ ବି ସେଠାରୁ ଧାନ ଉଠି ମିଲ୍‌କୁ ଯାଇ ପାରୁ ନ ଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବହୁ ଚାଷୀ ଓ ଚାଷୀ ସଂଗଠନର କର୍ମକର୍ତ୍ତା କହିଛନ୍ତି। ସେମାନେ ବି ଜଣାଇଛନ୍ତି ଯେ, ଗନିବ୍ୟାଗ୍ ଓ ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ନେବା ପାଇଁ ଯାହା ପରିବହନ ଖର୍ଚ୍ଚ, ମିଲର ଚାଷୀଙ୍କୁ ଦେବା କଥା। କିନ୍ତୁ କେବେ ମଧ୍ୟ ସେସବୁ ଚାଷୀଙ୍କୁ ମିଳୁନାହିଁ, ସେ ବାବଦକୁ ଆସୁଥିବା ଅର୍ଥ କୁଆଡେ ଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଚାଷୀ।

ଏ ସମ୍ପର୍କରେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟିସ୍ ହରିହର ସେଠଙ୍କୁ ପଚରା ଯିବାବେଳେ ସେ ଏଭଳି ବ୍ୟବସ୍ଥା ରହିଛି ବୋଲି ସ୍ୱୀକାର କରିବା ସହ କହିଛନ୍ତି ଯେ, ଓଡିଶା ଷ୍ଟେଟ୍ ସିଭିଲ୍ ସପ୍ଲାଇ କର୍ପୋରେସନ୍ ପକ୍ଷରୁ ଉକ୍ତ କାର୍ଯ୍ୟ ପାଇଁ ଅର୍ଥ ସିଏସ୍ଓ ଏବଂ ଆରଏମସି ଜରିଆରେ ବିଭିନ୍ନ କୃଷି ସମବାୟ ସମିତିରେ ପହଞ୍ଚିବା କଥା । ଚାହିଁଲେ ସିଏସ୍ଓ ସିଧାସଳଖ ମିଲରଙ୍କୁ ଏହା ଦେଇପାରନ୍ତି। ମିଲରଙ୍କ ଦାୟିତ୍ୱ ଚାଷୀଙ୍କୁ ଗନିବ୍ୟାଗ୍ ଓ ପରିବହନ ଖର୍ଚ୍ଚ ଯୋଗାଇବା। ତେବେ କାହିଁକି ମିଲର ଉକ୍ତ ଦାୟିତ୍ୱରେ ଅବହେଳା କରୁଛନ୍ତି ଓ ଯଦି କରୁଛନ୍ତି ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉଛି, ସେ ସମ୍ପର୍କରେ ଏଆରସିଏସ୍ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ସିଏସ୍ଓ ହିଁ ସବୁ ବିଶୃଙ୍ଖଳା ପାଇଁ ଦାୟୀ ବୋଲି କହି ଏ ପ୍ରାସଙ୍ଗିକ ଅଧିକ ପ୍ରଶ୍ନର ଉତ୍ତର ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଗ୍ରେଡ଼-ଏ ଧାନ ସରକାରଙ୍କ ଘୋଷଣା ଅନୁଯାୟୀ ୩୧୨୦ ଟଙ୍କାରେ କିଣାଯିବ କି ପ୍ରଶ୍ନର ଉତ୍ତରରେ ଉକ୍ତ ଧାନ ଓଡ଼ିଶାରେ କେଉଁଠି ଉତ୍ପାଦନ ହେଉନାହିଁ ଓ କେବଳ ଫେଇର୍ ଆଭେରେଜ କ୍ୱାଲିଟି ଧାନ କିଣାଯିବ ବୋଲି କହିଥିଲେ। ଏହାଛଡା ମିଲ୍‌କୁ ନଯାଇ ମଣ୍ଡିରେ ତିନି ଦିନ ଯାଏଁ ଧାନ ରହିପାରିବ ଓ ଧାନକୁ ସମ୍ପୃକ୍ତ ଚାଷୀଙ୍କ ପକ୍ଷରୁ ଜଣେ ଓ କୃଷି ସମବାୟ ସମିତି ପକ୍ଷରୁ ଜଣେ ଜଗିବା ଦରକାର ବୋଲି ମତ ଦେବା ସହ ଦାୟିତ୍ୱରେ ଅବହେଳା କରିଥିବା ଯୋଗୁ କାଶୀନଗର କୃଷି ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବିତ କରା ଯାଇଛି ବୋଲି ଜଣାଇଥିଲେ । ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛି ଓ ସେ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଏତେ ବ୍ୟସ୍ତ ଥିବା ପ୍ରକାଶ କରିଥିଲେ। କିନ୍ତୁ ଜଣେ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରି ଦେଇ ମିଲରଙ୍କ ଅନୈତିକ କାର୍ଯ୍ୟକଳାପ ପ୍ରତି ଆଖି ବୁଜି ଦେବା କେତେ ଦୂର ନ୍ୟାୟସଂଗତ ବୋଲି ପ୍ରଶ୍ନ ଉଠିଥିଲା। ତାର କୌଣସି ସନ୍ତୋଷଜନକ ଉତ୍ତର ପ୍ରଶାସନ ପକ୍ଷରୁ ମିଳି ପାରିନାହିଁ। କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ସମାଧାନ ନିମନ୍ତେ କାହିଁକି ପଦକ୍ଷେପ ନିଆ ଯାଉନାହିଁ ବୋଲି ସିଏସ୍ଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚରା ଯିବା ବେଳେ ଗାଡି ଅଭାବରୁ ସେ ଏହି କାର୍ଯ୍ୟ କରି ପାରୁନାହାନ୍ତି ବୋଲି କହିଥିଲେ । ଅନ୍ୟ ପକ୍ଷରେ ଯେଉଁ ଚାଷୀ ଏହି ଅବହେଳା ପ୍ରତି ସ୍ୱର ଉତ୍ତୋଳନ କରୁଛନ୍ତି ସେହି ଚାଷୀଙ୍କ ଧାନକୁ ସଙ୍ଗେ ସଙ୍ଗେ ପଦେକ୍ଷପ ନେଇ ମିଲକୁ ପଠାଯାଉଛି, ଯେଉଁ ଚାଷୀ ନୀରବ ରହୁଛି ସେମାନଙ୍କ ପ୍ରତି ଏହି ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ମଣ୍ଡିରେ ଧାନ ରଖିବା ପାଇଁ ସତନ୍ତ୍ର ଏକ କଂକ୍ରିଟ ପ୍ଲାଟଫର୍ମ ରହିବା କଥା, ପଙ୍ଖାର ସୁବିଧା ଓ ଧାନ ନେଇ ଆସୁଥିବା ଚାଷୀଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇବା କଥା କିନ୍ତୁ କାଶୀନଗର ବ୍ଲକରେ ସ୍ଥାୟୀ ହେଉକି ଅସ୍ଥାୟୀ ଧାନ ମଣ୍ଡିରେ ସେହିପରି ସୁବିଧା ନଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ସହ ଚାଷୀଙ୍କ ନ୍ୟାୟ ଦେବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।



ଉପାଡୁନାହାନ୍ତି ମିଲର୍, କାକରରେ ଭିଜୁଛି ବସ୍ତା

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କୃଷକ ସଂଗଠନ

**ଗୋଷାଣି,୨୦।୧(ସମିସ):** ଗଜପତି ଜିଲ୍ଲାରେ ବିଳମ୍ବରେ ଚଳିତ ମାସ ୭ ତାରିଖରେ ଧାନମଣ୍ଡି ଖୋଲିଛି। ହେଲେ ଆଜି ସୁଦ୍ଧା ମଣ୍ଡି ପରିଚାଳନାରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ଯାହାକୁ ନେଇ ଚାଷୀମାନେ



ଧାନମଣ୍ଡିରେ ଅବ୍ୟବସ୍ଥା

ରାଜରାସ୍ତାକୁ ଆସି ପ୍ରତିବାଦ କରିବା ସହ ହୋ ହଲ୍ଲା କରିଥିଲେ । କ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ଏବଂ ଯେ ଧାନର ମାନଦଣ୍ଡରେ କୋହଳ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ପ୍ରତିଶ୍ରୁତିର ତିନି ଦିନ ବିତିଗଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଯାହାକୁ ନେଇ ଆଜି ଓ ଡି ଶ । ନବ ନିର୍ମାଣ କୃଷକ ସଂଗଠନ ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲଡା ଗ୍ରାମରେ ଥିବା ଧାନସଂଗ୍ରହ କେନ୍ଦ୍ର ପରିସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ପ୍ରସ୍ତୁତି ବୈଠକ କରିବା ସହ ସାମ୍ବାଦିକ ସମ୍ମିଳନୀ ରେ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି। ସୂଚନା ମୁତାବକ ଚଳିତ ମାସ ୨୪ ତାରିଖରେ ନବ ନିର୍ମାଣ କୃଷକ ସଂଗଠନର ହଜାର ହଜାର ସଂଖ୍ୟକ ସଦସ୍ୟ ତଥା ଚାଷୀ ଗଜପତି ଷ୍ଟାଡିୟମ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିବେ। ଏ ସମ୍ପର୍କରେ ସଂଗଠନର ରାଷ୍ଟ୍ର ସଂଯୋଜକ ଅଖିଳ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସୂଚନା ଦେଇଛନ୍ତି। ଗଜପତି ଜିଲ୍ଲାରେ ଧାନକ୍ରୟରେ ଅନିୟମିତତା ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ମଣ୍ଡିରେ କେବଳ ଧାନ କ୍ରୟ କରାଯାଉଛ ବୋଲି କହିଥିଲେ। ଏହି ବୈଠକରେ ଗୋଷାଣି ବ୍ଲକର ଶତାଧିକ ଚାଷୀ, ଚାଷୀନେତାଙ୍କ ସହ ଗଜପତି ଜିଲ୍ଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଯୁବ ଛାତ୍ର ସଂଗଠକ ମହମ୍ମଦ ମନେଦ୍ୱର ଅଲ୍ଲୀ, ଦାମ ଜେନା ଓ ଦଣ୍ଡାସୀ ଖଣ୍ଡୁଆଳ ଉପସ୍ଥିତ ଥିଲେ ।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଜି.ଉଦୟଗିରି,୨୦।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ବେଲକଟି ରେଷ୍ଟ ସେଟ ପାଖରେ ଏକ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଜି. ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମୃତଦେହର ପରିଚୟ ଖୋଜିଥିଲେ। ମୃତବ୍ୟକ୍ତିଙ୍କ ସଂପର୍କୀୟ ପହଞ୍ଚି ମୃତବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ମୃତବ୍ୟକ୍ତି ଜଣକ ରଟିଙ୍ଗିଆର ଭୂବୁନି ପ୍ରଧାନ( ୬୮) ବୋଲି ପୁଲିସ କହିଛି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଯିବ ବୋଲି ତଦନ୍ତ ଅଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି।

## ସମନ୍ୱିତ କୃଷି ମାଧ୍ୟମରେ ଲାଭବାନ ହେଉଛନ୍ତି ଚାଷୀ



ଜି.ଉଦୟଗିରି/ରାଇକିଆ,୨୦।୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଆମ୍ରାର ମିଳିତ ଆନୁକୁଲ୍ୟରେ ରାଇକିଆ ବ୍ଲକରେ ସମନ୍ୱିତ କୃଷୀ ୨୦୨୨ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ୭ ହଜାର ଚାଷୀଙ୍କୁ ଛେଳି, କୁକୁଡା ଓ ମାଛ ଚାଷ ସହିତ ଦେଶୀ କୁକୁଡ଼ା ଉତ୍ପାଦନ କେନ୍ଦ୍ର, ମାଛ ଖାଦ୍ୟ ପ୍ରସ୍ତୁତି, ଜୈବିକ ସାର ଉତ୍ପାଦନ କେନ୍ଦ୍ର, ବିଭିନ୍ନ ଦେଶୀ ଧାନ, ଡାଲି, ତୈଳ ବୀଜ ଚାଷ ପାଇଁ ସହାୟତା କରାଯାଉଛି। ୧୦ ପଞ୍ଚାୟତରେ ୩ ବର୍ଷ ହେଲା ଆମ୍ରା ସହାୟତା ପ୍ରଦାନ କରୁଛି। ଏହି ପ୍ରକଳ୍ପ ମାଧ୍ୟମରେ ଦେଶୀ ଚାଷକୁ କିପରି ଜୈବିକ ଓ ସମନ୍ୱିତ ପ୍ରଣାଳୀରେ କରାଯାଇ ଅଧିକ ଲାଭବାନ ଚାଷୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି। ଏଥିରେ ବହୁ ଚାଷୀ ମଧ୍ୟ ଲାଭବାନ ହୋଇପାରୁଛନ୍ତି। ଏହି କାର୍ଯ୍ୟକ୍ରମର ପ୍ରଭାବକୁ ସୁଗଡବାଡି ଓ ଗୁମାମାହା ପଞ୍ଚାୟତରେ କୃଷି ଅଧିକାରୀ ସମୀକ୍ଷା କରିଛନ୍ତି। କ୍ଷେତ୍ର ପରିଭ୍ରମଣ କରି ହିତାଧିକାରୀ ଙ୍କ ସହିତ ଆଲୋଚନା କରିଥିଲେ। ସମନ୍ୱିତ କୃଷି ପ୍ରକଳ୍ପ ମାଧ୍ୟମରେ ଜୈବିକ ଚାଷ, ଦେଶୀ ଚାଷ ଓ ଆର୍ଥିକ ଲାଭବାନ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଲକ୍ଷପତୀ ଚାଷୀ ସୃଷ୍ଟି ହେବା ସମ୍ଭାବନା ପ୍ରକାଶ ପାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ଆଲୋଚନା

**ପାରଳାଖେମୁଣ୍ଡି,୨୦।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୯୯୪ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଆଲୁମିନି ସଭାପତି ସିଏଚ୍. ପ୍ରସାଦ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲାରାଓ ପଟ୍ଟନାୟକ ସଂଯୋଜନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ କାଳୀଙ୍କର ଦାସ, ମାଧବ ପାତ୍ର, ପ୍ରକାଶ ଚନ୍ଦ୍ର ପାତ୍ର, ପଞ୍ଚୁ ବେହେରା, ଲକ୍ଷ୍ମଣ ସାହୁ ପ୍ରମୁଖଙ୍କ ସମେତ କାର୍ଯ୍ୟରତ ଶିକ୍ଷକ ବି.ବୃନ୍ଦାବନ ରାଓ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

## ଆଦିବାସୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବାଲିଗୁଡ଼ା,୨୦।୧(ସମିସ):** ବାଲିଗୁଡାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ଆଦିବାସୀ ମହାବିଦ୍ୟାଳୟର ୩୭ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ +୨ ବିଭାଗରୁ ଛାତ୍ରୀରେ ପ୍ରିୟତମା ମଲ୍ଲିକ ଚାମ୍ପିଆନ ହୋଇଥିବା ବେଳେ ଛାତ୍ରରେ ରାହୁଲ ଦିଗାଳ ଓ ଦୁଷ୍ମନ୍ତ ବଳିୟାର ସିଂ ଯୁଗ୍ମ ଚାମ୍ପିଆନ ହୋଇଥିଲେ। ସେହିପରି +୩ ବିଭାଗରୁ ଆଶିବଲ ନୂଆମାଝୀ ଓ ତୃପ୍ତିମୟୀ କହଁର ଚାମ୍ପିଆନ ହୋଇ ଅତିଥିଙ୍କ ଠାରୁ ମାନପତ୍ର ସହ ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ଖେଳ ଶିକ୍ଷକ ଗଙ୍ଗାଧର ପଣ୍ଡାଙ୍କ ସମେତ ଅଧ୍ୟାପକ ଡ଼. ବିଭୁତି ଭୂଷଣ ଆଚାର୍ଯ୍ୟ, ଡ.ସୁଶାନ୍ତ ଦାସ, ବରିଷ୍ଠ କ୍ରୀଡ଼ାବିତ ଦେବବ୍ରତ ସିଂ ଦେଓ, ଏଲିଆସ ଦିଗାଳ, ରୂପକ ନାୟକ, ହେମନ୍ତ ପାତ୍ର, ଗୌରବ ପ୍ରଧାନ, ରାଜେଶ ଦିଗାଳ, ଦେବେନ୍ଦ୍ର ଦଣ୍ଡିଆ ସହଯୋଗ କରିଥିଲେ।



## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ପାରଳାଖେମୁଣ୍ଡି,୨୦।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଦେଶାତ୍ମବୋଧାକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ବିଚାରକ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ବିଚିତ୍ରା ନନ୍ଦ ବେବର୍ତ୍ତା, ସହକାରୀ ଶିକ୍ଷକ, ଅମେଶ ଲିମ୍ମା, ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶୀ, ଜଗନ୍ନାଥ ପଟ୍ଟନାୟକ, ଅନିତା ଦାସ, ରମାକାନ୍ତ ବରାଡ଼, ସୀମାଞ୍ଚଳ ବେହେରା, ଯଶସ୍ୱିନୀ ପାଣି, ସୁମିତ୍ରା କୁମାରୀ ଜେନା ଦେବୀ ପ୍ରସାଦ ପଟ୍ଟନାୟକ ଓ ସୁଜତା ନନ୍ଦ ଯୋଗ ଦେଇଥିଲେ। ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପିଇଟି ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିଥିଲେ।



## ସ୍କୁଲ୍ ପିଲାଙ୍କୁ ପାଠ ପଢ଼ାଇଲେ ତହସିଲ୍‌ଦାର



**ଦାରିଙ୍ଗବାଡ଼ି,୨୦।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ତହସିଲଦାର ଶରତ ଶବର ବୁଢ଼ାଗୁଡ଼ା ପଞ୍ଚାୟତ ଗସ୍ତ କରି ଡେଡ଼ିମାହା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିସର ସଫା ସୁତରା ନ ଥିବା ଦେଖି ତହସିଲଦାର କ୍ଷୋଭ ପ୍ରକାଶ କରି ଶିକ୍ଷକ ନିତିନ ଚନ୍ଦ୍ର ସାହୁଙ୍କୁ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ପରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କିଛି ସମୟଧରି ପାଠ ପଢ଼ାଇ ଥିଲେ।

## ଆତ୍ମ ସୁରକ୍ଷା ତାଲିମ ଶିବିର

**ରାୟଗଡ଼,୨୦।୧(ସମିସ):** ରାୟଗଡ଼ ବ୍ଲକ ସେବକପୁର ପର୍ଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଶଶିକାନ୍ତ ମହାପାତ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁବାଷଚନ୍ଦ୍ର ବେହେରା, ଅଧ୍ୟାପିକା ସ୍ମିତା ଗୌଡ଼ ଓ ଅଧ୍ୟାପିକା ଏସ. ଗୀତାଞ୍ଜଳି ଉପସ୍ଥିତ ଥିଲେ। ଶିବିରରେ ତାଲିମଦାତା ଭାବେ ଲଳିତା ପଡ଼ିଆରୀ ଯୋଗଦେଇ ୧୫୭ ଜଣ ଛାତ୍ରୀ ମାନଙ୍କୁ ଆନ ସୁରକ୍ଷା ତାଲିମ ଦେଉଛନ୍ତି। ୧୦ ଦିନ ଧରି ଏହି ଶିବିର ଚାଲୁ ରହିବ ବୋଲି ଜଣାପଡିଛି। ଶିବିରକୁ କାର୍ଯ୍ୟକ୍ରମ ସଂଯୋଜକ ତଥା ଅଧ୍ୟାପକ ଏନ୍. ମିନାରାଓ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଛନ୍ତି।

## ସଡ଼କ ସୁରକ୍ଷା ମାସ ଅବସରରେ ସଚେତନତା

**ପାରଳାଖେମୁଣ୍ଡି, ୨୦।୧ (ସମିସ):** ମହିଳା ମହାବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଭାରତୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୟୁଥ ରେଡକ୍ରସ୍, ଏନ୍ଏସ୍ଏସ୍ ଏବଂ ସ୍ଥାନୀୟ ପୁଲିସ ବିଭାଗର ମିଳିତ ଆନୁକୁଲ୍ୟରେ ହୋଇଥିଲା । ପାରଳାଖେମୁଣ୍ଡି ଆଦର୍ଶ ଥାନା ଏସ୍ଆଇ ତପନ ପାଢୀ ଏବଂ ଟ୍ରାଫିକ୍ ବିଭାଗର କୌତୁକ ଦେବୀ ସଡ଼କ ସୁରକ୍ଷା ଜନିତ ନିୟମାବଳୀ ସମ୍ପର୍କରେ ସଚେତନ କରିଥିଲେ। ଏନ୍ଏସ୍ଏସ୍ ଅଧିକାରୀ ମଧୁସ୍ମିତା ପ୍ରଧାନ, ସମସ୍ତ କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ଏବଂ ଛାତ୍ରୀଙ୍କ ସହଯୋଗ ପାଇଁ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ୭୨ କିଲୋ ଗଞ୍ଜେଇ ଜବତ; ୫ ଗିରଫ



**ଜି.ଉଦୟଗିରି,୨୦।୧(ସମିସ):** କନ୍ଧମାଳରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ଅବକାରୀ ବିଭାଗ। ଖବର ପାଇ କନ୍ଧମାଳ ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ଟିମ୍ ଏବଂ ରାଇକିଆ ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ଭବାନୀ ଶଙ୍କର ସେଠୀ ଓ ଟିମ୍ ଜି.ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗା ନିକଟରେ ତିନୋଟି କାର ଉପରେ ଚଢ଼ଉ କରି ୭୨କିଗ୍ରା ଗଞ୍ଜେଇ ଜବତ କରିବା ସହ ୫ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା ଗୋପ ଓ ନିମାପଡ଼ା ଅଞ୍ଚଳର ଆଲୋକ ଭୋଇ, ଦୁର୍ଗା ଚରଣ ମଲିକ, ମନୋଜ କୁମାର ଦାସ ଓ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ଅକ୍ଷୟ ମଲ୍ଲିକ ଓ ଟିକାବାଲି ଅଞ୍ଚଳର ପ୍ରକାଶ ଦିଗାଲ ବୋଲି ସୂଚନା ମିଳିଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କ.ନୂଆଗାଁ,୨୦।୧(ସମିସ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ କୁଦୁତୁଲିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ମୁଖ୍ୟବକ୍ତା ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସରପଞ୍ଚ ଶ୍ରୀଷ୍ଟ୍ର ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ବେହେରା, ତହସିଲଦାର ଆନନ୍ଦ କୁମାର ବେହେରା ଯୋଗ ଦେଇଥିଲେ। ଟୁଲୁ ବେହେରା ଓ ଆଦର୍ଶ ବିଦ୍ୟାଳୟ ସଭାପତି ଚିଙ୍କୁନ ବେହେରା ଯୋଗ ଦେଇଥିଲେ।

## ଗୋଛାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଫିରିଙ୍ଗିଆ,୨୦।୧(ସମିସ):** ଫିରିଙ୍ଗିଆ ବ୍ଲକ ଗୋଛାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସଲାଗୁଡା ପଞ୍ଚାୟତ ସରପଞ୍ଚ ରୋହିତ କହଁର, ଗୋଛାପଡା ସରପଞ୍ଚ ଯୁଗାନ୍ତ କହଁର, କୁଏର ମାଣ୍ଡୁ ପଞ୍ଚାୟତ ସରପଞ୍ଚ ମାଧବ କହଁର, କ୍ରାନ୍ତିବାଲି ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କହଁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନେଡିପଦର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସିଂ, ଦାମୀଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପର୍ଶୁରାମ କହଁର, ବସ୍ତିଙ୍ଗିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାନ୍ତି, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ମୁଖି, ବିଦ୍ୟାଳୟର ସଭାପତି ଗୋକୁଳ ଚନ୍ଦ୍ର କହଁର ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଫିରିଙ୍ଗିଆ ବଜାର ଡ୍ରେନ୍ ନିର୍ମାଣ କେବେ ?

# ବର୍ଷା ହେଲେ ପୋଖରୀରେ ପଶୁଛି ଆବର୍ଜନା

**ଫିରିଙ୍ଗିଆ,୨୦।୧(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବଜାର ନିକଟରେ ଥିବା ପୋଖରୀ ପାଖରେ ଡ୍ରେନ ନିର୍ମାଣ ନ ହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫିରିଙ୍ଗିଆ ବଜାର ଅଞ୍ଚଳର ଏକ ମାତ୍ର ନିର୍ଭର ଯୋଗ୍ୟ ପୋଖରୀକୁ ବ୍ଲକ ପ୍ରଶାସନ ତରଫରୁ ଲକ୍ଷାଧିକ ଟଙ୍କା ଅର୍ଥ ଅନୁଦାନ ଦେଇ ଅମୃତ ସରୋବର ନାମରେ ନାମିତ କରିବା ସହ ଅତି ସୁନ୍ଦର ଭାବରେ ନିର୍ମାଣ କରାଯାଇଛି। କିନ୍ତୁ ଏହି ପୋଖରୀ ହୁଡ଼ା ଦେଇ ଡ୍ରେନର ବ୍ୟବସ୍ଥା ନ ଥିବାରୁ ବ୍ଲକ ଛକ ଠାରୁ ବଜାର ସବୁ ଅଞ୍ଚଳର ଡ୍ରେନ ପାଣି ଏବଂ ଅଳିଆ ଆବର୍ଜନା ଯାଇ ଅମୃତ ସରୋବରରେ ପଶୁଛି। ଅମୃତ ସରୋବର ପାଖ ପର୍ଯ୍ୟନ୍ତ ଥିବା ଡ୍ରେନ ରେ ଅଳିଆ ଆବର୍ଜନା ଜମା ହେବା ସହ ୨ ରୁ ୩ ଫୁଟ ପାଣି ଜମି ରହୁଛି । ଆଖ ପାଖରେ ଥିବା ଘର ପାଖରେ ମଧ୍ୟ ୨ ଫୁଟ ପାଣି ଜମି ରହୁଛି। ଏସମ୍ପର୍କରେ ଅଞ୍ଚଳବାସୀ ଡ୍ରେନ ନିର୍ମାଣ କରିବାକୁ ବାରମ୍ବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଡ୍ରେନ ନିର୍ମାଣ ହୋଇ ନଥିବାରୁ ବର୍ଷା ଦିନ ଆସିଲେ ଅମୃତ ସରୋବର ଭିତରେ ଅଳିଆ ଆବର୍ଜନା ଜମା ହେବା ସହ ଗୋଳି ପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସମ୍ଭାବନା ରହିଛି।

ଏହି ସମସ୍ୟା ସମ୍ପର୍କରେ ବିଡିଓ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ଡ୍ରେନ ନିର୍ମାଣ ପାଇଁ ଜାଗା ସମସ୍ୟା ରହିଛି। ଆଲୋଚନା ଚାଲିଛି କିଭଳି ତୁରନ୍ତ ଡ୍ରେନ ନିର୍ମାଣ ହେବ ତାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



## ଜିଲ୍ଲା ସୁଦିବ୍ୟ ବ୍ରହ୍ମ ଶୌଣ୍ଡିକ ସମାଜର ବାର୍ଷିକ ଉତ୍ସବ



**କ.ନୂଆଗାଁ,୨୦।୧(ସମିସ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରେ ଶୌଣ୍ଡିକ ସମାଜର ୧୭ତମ ବାର୍ଷିକ ଉତ୍ସବ ସଭାପତି କନ୍ଦର୍ପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଧଗଡ, ଗୁଟିଙ୍ଗିଆ, କେଲାପଡା, ଶଙ୍କରାଖୋଲ, ନୂଆଗାଁ, ଶୁଣ୍ଡିଗା, ଲେଡିଙ୍ଗିଆ, କୁଟିକିଆ ଆଦି ବହୁ ଅଞ୍ଚଳରୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସୁଦର୍ଶନ ସାହୁ ସମାଜକୁ କିପରି ସୁଦୃଢ କରାଯିବ ସେ ସମ୍ପର୍କରେ ମନ୍ତବ୍ୟ ରଖିଥିବା ବେଳେ ଚନ୍ଦ୍ରକାନ୍ତ ନାୟକ, ବ୍ରାହ୍ମା ଦଣ୍ଡିଆ ଓ ରୋହିତ ନାୟକ ନୂତନ ରୂପେ ନିର୍ମିତ ଅଫିସ ଗୃହକୁ ସାଂସଦ ଓ ବିଧାୟକ ଅନୁଦାନ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସଭାପତି ସମାଜର ଗରିବ ପିଲାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିବେଦନ କରିବା ସହ ଅଧିକ ନମ୍ବର ରଖିଥିବା ପିଲାଙ୍କୁ ପୁରସ୍କୃତ କରିଥିଲେ। ଗରିବ ଝିଅଙ୍କ ବିବାହ ନିମନ୍ତେ ରଖାଯାଇଥିବା ଆର୍ଥିକ ରାଶି ବଢ଼ାଇବା ପାଇଁ ଦୁର୍ଯ୍ୟୋଧନ ଦଣ୍ଡିତ ଓ ପବିତ୍ର ସାହୁ ମତ ଦେଇଥିଲେ।

● ଅନ୍‌ଲାଇନ ନିବେଶ ଓ କ୍ରେଡିଟ୍ କାର୍ଡ ଆଳରେ ଠକେଇ

## ୭ ଲକ୍ଷ ଲୁଟିନେଲେ ସାଇବର୍ ଠକ

**ବ୍ରହ୍ମପୁର,୨୦ ।୧(ସମିସ):** ଅନ୍‌ଲାଇନ ଇନଭେଷ୍ଟମେଣ୍ଟ ଆଳରେ ଜଣଙ୍କ ଠାରୁ ୫ଲକ୍ଷ ଏବଂ ଏକାଧିକ କ୍ରେଡିଟ କାର୍ଡରୁ ଅନ୍ୟଜଣଙ୍କ ଠାରୁ ୨ଲକ୍ଷ ୨୨ହଜାର ଠକିନେଲେ ସାଇବର ଠକ । ଏନେଇ ସାଇବର ଥାନାରେ ପୃଥକ ପୃଥକ ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅନଲାଇନରେ ନିବେଶ କରି ଅଧିକ ଅର୍ଥ ଉପାର୍ଜନ କରିବାର ଲୋଭ କରି ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ଯୁବକ ୫ଲକ୍ଷ ଟଙ୍କା ଠକେଇର ଶୀକାର ହୋଇଛନ୍ତି । ଏନେଇ ସମ୍ପୃକ୍ତ ଯୁବକ ଜଣକ ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୂଚନାପ୍ରକାରେ, ପଣ୍ଡା କଲୋନୀର ଶିବ ଶଙ୍କର ପ୍ରଧାନ ନାମକ ଜଣେ ଯୁବକଙ୍କ ନିକଟକୁ ଗତ ୧୦ତାରିଖରେ ଫକ୍ୱାଇମୋରନ୍ ଡିଜିଟାଲ ମାର୍କେଟିଂରୁ ତାଙ୍କ ହ୍ୱାଟସଅପକୁ ଏକ ମେସେଜ ଆସିଥିଲା । ଉକ୍ତ ମେସେଜରେ ଚାକିରି ଅଫର୍ ରହିଥିଲା । ଅନଲାଇନରେ ଦିଆଯାଉଥିବା କାମ ସମ୍ପୂର୍ଣ୍ଣ କରି ଏହାର ସ୍କ୍ରିନସଟ୍ ଟେଲିଗ୍ରାମରେ ପଠାଇଲେ କମିଶନ ଦିଆଯିବ ବୋଲି ମେସେଜରେ ଉଲ୍ଲେଖ ରହିଥିଲା । ଅନଲାଇନରେ ସ୍ଥାୟୀଜମା ମାର୍କେଟିଂ କରି ଅଧିକ ନିବେଶ କଲେ ମୋଟା ଅଙ୍କର କମିଶନ ହାସଲ କରିବାର ଲୋଭ ଦେଖାଯାଇଥିଲା । ପରେ ଶିବଶଙ୍କରଙ୍କୁ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ଦିଆଯାଇ ଟଙ୍କା ଇନଭେଷ୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା । ଶିବ ପର୍ଯ୍ୟାୟକ୍ରମେ ମୋଟ ୫ଲକ୍ଷ ୭ହଜାର ଶହେ ଟଙ୍କା ନିବେଶ କରିଥିଲେ । ପରେ ସେ ଜମା କରିଥିବା ଟଙ୍କା ଓ କମିଶନ ସହ ସମସ୍ତ ଟଙ୍କା ଉଠାଇବାକୁ ଚାହିଁଥିବା ବେଳେ ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା । ଅଧିକ ଟଙ୍କା ଜମା ନକରି ଶିବ ବାରମ୍ବାର ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ସେହିଭଳି ଏକାଧିକ କ୍ରେଡିଟ କାର୍ଡରୁ ଜଣେ ଡାକ୍ତରଙ୍କ ଠାରୁ ୨ଲକ୍ଷ ୨୨ହଜାର ଟଙ୍କା ଠକିନେଇଛନ୍ତି ସାଇବର ଠକ ଗ୍ୟାଙ୍ଗ । ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି ଠକେଇର ଶୀକାର ଡାକ୍ତର ଜଣକ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାଯୋଗ୍ୟ ଯେ, ନିଳାଞ୍ଚଳନଗର ନିବାସୀ ଡ଼. ଗୌରୀଶଙ୍କର ମିଶ୍ର ଆରବିଏଲ, ଆଇଡ଼ିବିଆଇ, ଏସବିଆଇ ଓ ଆଇସିଆଇସିଆଇ ଭଳି ଏକାଧିକ କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି । ଗତ ୧୬ତାରିଖରେ ତାଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଏକ ମେସେଜ ଆସିଥିଲା । ମେସେଜ ଦେଇଥିବା ବ୍ୟକ୍ତି ଜଣକ ନିଜକୁ ଆରବିଏଲ କ୍ରେଡିଟ କାର୍ଡ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେବା ସହ କ୍ରେଡିଟ କାର୍ଡର ଲିମିଟ ସମ୍ପର୍କରେ ପଚାରିଥିଲେ । ପରେ ଗୌରୀଙ୍କ ହ୍ୱାଟସଅପକୁ ଏକ ଏପିକେ ଫାଇଲ ପଠାଇ ଡାଉନଲୋଡ କରିବାକୁ ପରାମର୍ଶ ଦେଇଥିଲେ । ଡାଉନଲୋଡ କରିବାର କିଛି ସମୟ ପରେ ଡାକ୍ତର ଗୌରୀ ମିଶ୍ରଙ୍କ ବିଭିନ୍ନ କ୍ରେଡିଟ କାର୍ଡରୁ ୨ଲକ୍ଷ ୨୨ହଜାର ଟଙ୍କା ଉଭାନ ହୋଇଯାଇଥିଲା । ପରେ ଯାଞ୍ଚ କରି ସେ ସାଇବର ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇଥିଲେ ଡାକ୍ତର ମିଶ୍ର ।

# ୟୁଜିସି ମାନ୍ୟତା ସତ୍ତ୍ୱେ ସୁଧୁରୁନି ସମସ୍ୟା

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର,୨୦ ।୧(ସମିସ)**

ବହୁ ସଂଘର୍ଷ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ମିଳିଛି ୟୁଜିସି ମାନ୍ୟତା । କିନ୍ତୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇଣ୍ଡିଆନ ୟୁନିଭରସିଟିସ ଆସୋସିଏସନ(ଏଆଇୟୁ) ବା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସଦସ୍ୟତା ନଥିବା କାରଣରୁ ଏହାର ପ୍ରଭାବ ସିଧାସଳଖ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିଛି । ସଦସ୍ୟତା ନ ଥିବା ଯୋଗୁଁ ଆୟୋଜିତ ହେଉଥିବା ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାରୁ ବଞ୍ଚିତ ରହୁଛନ୍ତି ଛାତ୍ରଛାତ୍ରୀ । ଦୀର୍ଘ ୩ବର୍ଷ ଧରି ଏଭଳି ସମସ୍ୟା ଲାଗିରହିଛି । ଇତି ମଧ୍ୟରେ ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲେ ହେଁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରୁନାହାନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିକଟରେ ଦାବି କରିଥିବାବେଳେ ତାହାର ସମାଧାନ ହୋଇପାରୁ ନଥିବା ଅଭିଯୋଗ ହୋଇଛି । ୧୮୭୮ରେ ପ୍ରତିଷ୍ଠା ହୋଇଥିବା ଖଲ୍ଲିକୋଟ ମହାବିଦ୍ୟାଳୟ ପର୍ଯ୍ୟାୟ କ୍ରମେ ସ୍ୱୟଂଶାସିତ, ରାଜ୍ୟର ପ୍ରଥମ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଓ ପରେ ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟ ନାମରେ ରୂପାନ୍ତରଣ ହୋଇଥିଲା । ଶେଷରେ ୨୦୨୧ମସିହା ଅଗଷ୍ଟ ୧ତାରିଖରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷିତ ହୋଇଥିଲା । ଦୀର୍ଘ ୧୪୬ବର୍ଷର ପୁରାତନ ଏହି ଶିକ୍ଷାନୁଷ୍ଠାନର ବାରମ୍ବାର ନାମକରଣ କରାଯାଇଥିବାରୁ ତାହା ୟୁଜିସି ତାଲିକାଭୁକ୍ତ ହେବାରେ ସମସ୍ୟା ରହିଥିଲା । ବହୁ ବାଦବିବାଦ ପରେ ଗତବର୍ଷ ଅଗଷ୍ଟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସିର ମାନ୍ୟତା ମଳିଥିଲା । ଇତି ମଧ୍ୟରେ ୭ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଏହି ବିଶ୍ୱବିଦ୍ୟାଳୟର ଅନେକ ସମସ୍ୟାର ସମାଧାନ ହୋଇପାରିନାହିଁ । ବିଶ୍ୱବିଦ୍ୟାଳୟକୁ ୟୁଜିସିର ମାନ୍ୟତା ମିଳିବା ପରେ ମଧ୍ୟ ୟୁଜିସି ୱେବସାଇଟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନାମ ରହିଥିଲା । ସେହିଭଳି (ଏଆଇୟୁ)ର ସଦସ୍ୟତା ପାଇଁ ବିଭିନ୍ନ ପ୍ରକ୍ରିୟା ସମେତ ବାର୍ଷିକ ୫୦ ହଜାର ଟଙ୍କା ପୈଠ କରିବା ନିୟମ ରହିଛି । କିନ୍ତୁ ୟୁଜିସି ୱେବସାଇଟରେ ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ହୋଇନଥିବା କାରଣରୁ ଏଆଇୟୁର ୱେବସାଇଟରେ ବିଭିନ୍ନ ପାଞ୍ଜିକରଣ କରିବା ସମ୍ଭବ ହେଉନାହିଁ । ତେବେ ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରରେ ଆୟୋଜିତ ହେଉଥିବା କ୍ରିଡ଼ା, ସାଂସ୍କୃତିକ ଓ ନାଟକ ସମେତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି । ବର୍ତ୍ତମାନ ରାଜ୍ୟ ଭିତରେ ଆୟୋଜିତ ହେଉଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେବାର ସୁଯୋଗ ପାଉଥିଲେ ହେଁ ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି । ଯାହାକୁ ନେଇ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗର ପ୍ରତିକ୍ରିୟା ରଖିଛନ୍ତି ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର । ବିଶ୍ୱବିଦ୍ୟାଳୟକୁ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘରେ ସାମିଲ କରିବା ନେଇ ପ୍ରକ୍ରିୟା ଜାରି ରହିଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ଏବଂ ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗ ଉପଲବ୍ଧ ହେବ ବୋଲି ସେ କହିଛନ୍ତି ।

**ଏଆଇୟୁରେ ସଦସ୍ୟତା ନ ଥିବାରୁ ଆନ୍ତଃବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରୁ ବଞ୍ଚିତ ଛାତ୍ରଛାତ୍ରୀ**




## ପୁରୁଣା ୱାରେଣ୍ଟରେ ଜଣେ ଗିରଫ

**ବ୍ରହ୍ମପୁର,୨୦ ।୧(ସମିସ):** ଗୋପାଳପୁର ପୁଲିସ ପୁରୁଣା ୱାରେଣ୍ଟରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କରାପଲ୍ଲୀ ଗ୍ରାମର ସାଗର ଓରଫ ପିଣ୍ଟୁ ସାହୁ ବୋଲି ପୁଲିସ କହିଛି । ସୂଚନା ପ୍ରକାରେ ୨୦୨୧ ମସିହାରେ ଶେରଗଡ଼ ଅଂଚଳରେ ଏକ ଚୋରି ମାମଲାରେ ଜଡିତ ଥିବା ନେଇ ଥାନାରେ ୧୮୬/୨୧ ମାମଲା ଅଭିଯୁକ୍ତ ପିଣ୍ଟୁଙ୍କ ନାମରେ ରୁଜୁ ହୋଇଥିଲା । ସେହିଦିନଠାରୁ ସେ ଫେରାର ରହିଥିବା ବେଳେ କୋର୍ଟ ଆଦେଶ ଅବମାନନା କରିଥିବାରୁ କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି କରି ଗୋପାଳପୁର ଥାନାକୁ ଧରିବା ପାଇଁ ନିର୍ଦ୍ଦେଶ ହୋଇଥିଲା । ଗୋପଳପୁର ପୁଲିସ ଆଜି କୌଣସି ସୂତ୍ରରୁ ଖବର ପାଇ ନିଜ ଗ୍ରାମ କରାପଲ୍ଲୀରୁ କାବୁ କରି କୋର୍ଟଚାଲାଣ କରିଥିବା ପୁଲିସ କହିଛି ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଦଣ୍ଡ

**ବ୍ରହ୍ମପୁର,୨୦ ।୧(ସମିସ):** ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅଞ୍ଚଳର ତ୍ରିନାଥ ସ୍ୱାଇଁ ଅରଫ ଜଡ଼ା । ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି ।

ସୂଚନାଯୋଗ୍ୟ ଯେ,୨୦୨୩ ମସିହା ସେପ୍ଟେମ୍ବର ୮ତାରିଖରେ ବଡ଼ଗଡ଼ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଉକ୍ତ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ତ୍ରିନାଥ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମମାଲର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସୋମବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ତ୍ରିନାଥ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଅଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## 'ତ୍ରିଧାରା ଗଳ୍ପ ଖସଡ଼ା'

ବ୍ରହ୍ମପୁର,୨୦ ।୧(ସମିସ): ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଗୁଗୁଲ ଆଭାସୀ ମାଧ୍ୟମରେ 'ତ୍ରିଧାରା ଗଳ୍ପ ଖସଡ଼ା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ପ୍ରମୋଦ କୁମାର ଦ୍ୱିବେଦୀ ଯୋଗଦେଇ ସାହିତ୍ୟ ଯୁଗେ ଯୁଗେ ଆନନ୍ଦ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସଂସଦର ଉପ-ସଭାପତି ସାମନ୍ତିୟାପଲ୍ଲି କଲେଜର ଓଡ଼ିଆ ଭାଷା ବିଭାଗ ମୁଖ୍ୟ ଡକ୍ଟର ଅଶୋକ କୁମାର ପଣ୍ଡା, ସ୍ୱାଭିମାନ ଓ ସମଦୃଷ୍ଟିର ସମ୍ପାଦକ ବିଘ୍ନେଶ୍ୱର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହ-ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ ପଠନ ଗଳ୍ପକୁ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମମତା ମହାନ୍ତି, ବସନ୍ତ ମିଶ୍ର, ପଦ୍ମାଳାୟା ପାଢ଼ୀ, ଶୋଭାମୟୀ ପାତ୍ରୀ, ରଞ୍ଜିତା ପତି, ଗୋପାଳ ଅମାତ, କମ୍ବୁଧର ସୁନା, ଗଳ୍ପ ପଠନ କରିଥିଲେ । ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ, ଡକ୍ଟର ସୁନନ୍ଦା ତ୍ରିପାଠୀ, ଶାନ୍ତନୁ ସୁନା, ନୀଳକଣ୍ଠ ତ୍ରିପାଠୀ ଆଦି ସାହିତ୍ୟିକ ଯୋଗ ଦେଇଥିଲେ ।

## ଜନ୍ମଦିନରେ ୩ଶହ ୟୁନିଟ୍ ରକ୍ତ ସଂଗ୍ରହ

ସାମିଲ ହେଲେ ମେୟର ଓ ପୂର୍ବତନ ବିଧାୟକ

**ବ୍ରହ୍ମପୁର,୨୦ ।୧(ସମିସ):** ନିଆରା ଢଙ୍ଗରେ ନିଜର ଜନ୍ମଦିନକୁ ପାଳନ କରିଛନ୍ତି ପୂର୍ବତନ କର୍ପୋରେଟର ତଥା ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଆର. ମୂରଲୀ ମୋହନ । ସ୍ଥାନୀୟ ତୁଳସୀ ନଗର ସ୍ଥିତ କଲ୍ୟାଣ ମଣ୍ଡପରେ ଆର. ମୁରଲୀ ମୋହନଙ୍କ ଜନ୍ମତିଥି ଅବସରରେ ବ୍ରହ୍ମପୁର ରାଧାକୃଷ୍ଣ ବଣିକ ସଂଘ, ଫ୍ରେଣ୍ଡସ ଫର ଏଭର ଗ୍ରୁପ, ଏମକେସିଜି ମେଡିକାଲ ସ୍ଥିତ ଓଡିଶା ରକ୍ତ ଭଣ୍ଡାର ଓ ୧୫ନଂ ୱାର୍ଡ ବାସିନ୍ଦାଙ୍କ ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ଡ଼ା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଡେପୁଟି ମେୟର ଇ. ବିବେକ ରେଡ଼ି, ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା, ଲୋକସେବକ ମଣ୍ଡଳ ସଦସ୍ୟ ରାଜେନ୍ଦ୍ର ଜେନା ଓ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଗା ଶିବରକୁ ଶୁଭାରମ୍ଭ କରିଥିଲେ । ରାଜ୍ୟରେ ରକ୍ତ ଭଣ୍ଡାର ଗୁଡିକରେ ଦେଖାଦେଇଥିବା ରକ୍ତର ଘୋର ଅଭାବକୁ ଦୂର କରିବା ଲକ୍ଷ୍ୟରେ ଏହି 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଚଳିତ ଥରକୁ ମିଶାଇ ମୋଟ ୧୩ ବର୍ଷ ଧରି କ୍ରମାଗତ ଭାବେ ରକ୍ତଦାନ ଶିବିରର ଆୟୋଜନ କରି ଆସୁଛନ୍ତି ମୂରଲୀ ମୋହନ । ଏହି ମେଗା ରକ୍ତଦାନ ଶିବିରରେ ମୋଟ ୩ଶହରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିଛି । ଏହି ଅବସରରେ ଆର.ମୁରଲୀ ମୋହନଙ୍କ ମାଆ ଆର. ସାବିତ୍ରୀ, କର୍ପୋରେଟର ପତ୍ନୀ ଆର. ପାୱନୀଙ୍କ ସମେତ ବହୁ ଶୁଭେଚ୍ଛୁ ମୁରଲୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଧାକୃଷ୍ଣ ବଣିକ ସଂଘର କର୍ମକର୍ତ୍ତା ମନୋଜ କୁମାର ସାହୁ, ତିରୁପତି ସୁବୁଦ୍ଧି, ଶ୍ରୀକାନ୍ତ ପାଣିଗ୍ରାହୀ, ମନୋରଞ୍ଜନ ପଟ୍ଟନାୟକ, ସତ୍ୟନାରାୟଣ ପାତ୍ର, ସୀମାଞ୍ଚଳ ପଣ୍ଡା, ସରୋଜ ଦାସ, ସୁଶୀଳ ସେନାପତି, କାଳୀଚରଣ ତ୍ରିପାଠୀ, ବାବୁ ପଟ୍ଟନାୟକ, ବାବୁଜୀ ସାହୁ, ରାଜୁ ବେହେରା, ଶୀତଳ ଦାସ ଓ ବଦ୍ରି ପଣ୍ଡା ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ ।



## ପୁରୁଷ ଓ ମହିଳା ବକ୍ସିଂ ଦଳର ରାଉରକେଲା ଯାତ୍ରା

**ବ୍ରହ୍ମପୁର,୨୦ ।୧(ସମିସ):** ଆସନ୍ତା ମଙ୍ଗଳବାର ଓ ବୁଧବାର ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ବକ୍ସିଂ ୟୁଥ୍ ଓ ଜୁନିଅର ମହିଳା ଏବଂ ଜୁନିଅର ପୁରୁଷ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବା ପାଇଁ ଜିଲ୍ଲାସ୍ତରୀୟ ବକ୍ସିଂ ମହିଳା ଏବଂ ପୁରୁଷ ଦଳର ଚୟନ ହୋଇସାରିଛି । ଏହି ଦଳରେ ଗଞ୍ଜାମ ଜିଲ୍ଲାର ୧୮ଜଣ ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀ ଜଜଙ୍କୁ ମିଶାଇ ମୋଟ ୨୪ଜଣିଆ ଦଳ ରାଉରକେଲା ଯାତ୍ରା କରିଛନ୍ତି ବୋଲି ଜିଡ଼ିଏଏର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଏବଂ ଜିଡ଼ିଏଏର ସଂପାଦକ ଜେ କାମେଶ୍ୱର ରାଓ ସୂଚନା ଦେଇଛନ୍ତି । ମହିଳା ବକ୍ସର ଦଳରେ ବିଶାଖା ପ୍ରଧାନ, ଅର୍ପିତା ପଣ୍ଡା, ପି ନନ୍ଦିନୀ, ପ୍ରିୟଦର୍ଶିନୀ ସାହୁ, ଆଲିଶା ନାୟକ ଏବଂ କୋଚ୍ ମ୍ୟାନେଜର ଭାବେ ଏସ ସାଇ ପ୍ରତାପ ଓ ଇ ରିତୁ ରାଓ ଯାତ୍ରା କରିଛନ୍ତି । ପୁରୁଷ ଦଳରେ କେ.କମଳାକାନ୍ତ ପାତ୍ର, ସ୍ୱସ୍ତିକ ମାଝୀ, ବଦ୍ରି ନାରାୟଣ ନାୟକ , କେଟି ପୋଭନ ସାଇ, ପ୍ରୀୟାଂଶୁ ପାଳ, ଅତୁଲ୍ ପ୍ରଧାନ, ଟି. ସ୍ୱାଧୀନ ପାତ୍ର, ଦୀନେଶ ପାତ୍ର, ସଦାଶିବ ପଣ୍ଡା, ଆକାଶ ପାଣିଗ୍ରାହୀ, ଓମକାର୍ ଅଧିକାରୀ, ଚନ୍ଦନ ପାତ୍ର, ଶୁଭମ୍ ସେଠୀ, କୋଚ୍ ମ୍ୟାନେଜର ଭାବେ ପ୍ରବୀଣ ସେଠୀ, ରୋଷନ୍ ଗୌଡ଼ ଯାତ୍ରା କରିଛନ୍ତି । ଇ ବୁଲୁ ପାତ୍ର, ବକ୍ସିଂ କୋଚ୍ ତଥା ଜଜ୍ ଶିବରାମ ପାତ୍ର ତଥା ସ୍ଥାନୀୟ କୋଚ୍ ଶିଶିର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରିଛନ୍ତି । ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ପ୍ରଭାକର ରାଓ, ଲଡୁ କିଶୋର ସାହୁ, ଅଶୋକ ସାହୁ, ଶରତ ଚନ୍ଦ୍ର ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ବସନ୍ତ ପାଣିଗ୍ରାହୀ, ବାବୁ ରାଓ, ସୁମନ ଦାସ, ଅବିନାଶ ନାୟକ, ମୁନା ଗୌଡ଼, ସଞ୍ଜୀବ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।



● ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତା

## ବ୍ରହ୍ମପୁର ମହିଳା ଦଳକୁ ରୌପ୍ୟ ପଦକ

**ଗୋପାଳପୁର,୨୦ ।୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପଞ୍ଜାବ ସ୍ଥିତ ଲୋଭଲି ପ୍ରଫେସନାଲ ୟୁନିଭରସିଟିରେ ଚଳିତ ମାସ ୨୦ ଓ ୨୧ ତାରିଖରେ ଉତ୍ତର-ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ଭାର ଉତ୍ତୋଳନ ମହିଳା ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରୌପ୍ୟ ପଦକ ହାସଲ କରିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ରିଙ୍କି ନାୟକ ୪୫ କେଜି ବର୍ଗରେ ଭାଗ ନେଇଥିଲେ । ୬୩ କେଜି ଏବଂ ଜାର୍କରେ ୮୧ କେ. ଜି ମୋଟ ୧୪୪ କେଜି ଭାର ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୋପ୍ୟ ପଦକ ହାସଲ କରିଥିବା କ୍ରୀଡ଼ା ପରିଷଦ ପକ୍ଷରୁ ସୂଚନା ମିଳିଛି । ମ୍ୟାନେଜର ବନିତା ଘଡେଇ, କୋଚ ଦାମିନି କୁମାରୀ ସାହୁ କ୍ରୀଡ଼ା ସୂଚନା ଦେଇଥିବା ଜଣାପଡିଛି । ପଦକ ହାସଲ କରିଥିବାରୁ କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ, ରାଜେଶ ମହାନ୍ତି, ରବି ଚରଣ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।




## ଦଳିତଙ୍କ ଜମି ହଡ଼ପ କରି କୋଟିଏ କାରବାର

**ବ୍ରହ୍ମପୁର,୨୦ ।୧(ସମିସ):** ଲୋଚାପଡା ଅଞ୍ଚଳର ଜଣେ ଦଳିତ ପରିବାରର ଜମି ହଡ଼ପ କରି ୧ କୋଟିରୁ ଅଧିକ ଟଙ୍କାର କାରବାର କରାଯାଇଛି । ଏନେଇ ଅଭିଯୋଗ ପରେ ନିମାଖଣ୍ଡି ଥାନା ପୁଲିସ ଘଟଣାର ଖୋଳ ତାଡ଼ ଆରମ୍ଭ କରିଛି । ଲୋଚାପଡା ଅଞ୍ଚଳର ବିଧବା ଦଳିତ ମହିଳା ଡମୁଣି ନାୟକ(୩୮) ଗାନ୍ଧୀନଗରରେ ରହୁଛନ୍ତି । ତାଙ୍କ ଗୋସାଇଁ ଶାଶୁ ସାଧବାଣୀ ନାୟକ ଓରଫ ସାଧୁଙ୍କ ନାମରେ ଲୋଚାପଡା ମୌଜାର ଖାତା ନମ୍ବର ୪୪୩ ରେ ଏକ ଜମି ରହିଥିଲା । ସେହି ଜମିକୁ ଅଞ୍ଚଳର କିଛି ମାଫିଆ ଜାଲିଆତି କରି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି । ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ଆରମ୍ଭ କରିଛି । ଏହି ଜମି ଦୁର୍ନୀତିରେ ସମ୍ପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କୁ ପୁଲିସ ଥାନାରେ ଅଟକ ରଖି ପଚାରାଉଚରା କରୁଛି । ମାଫିଆମାନେ ଜଣ ପରେ ଜଣେ ଲୋକଙ୍କୁ ଜମି ବିକ୍ରି କରି ୧ କୋଟିରୁ ଅଧିକ କାରବାର କରିଥିବା ସମ୍ପର୍କରେ ଡମୁଣି ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

## ସମ୍ବର୍ଦ୍ଧନା ଓ ଆଲୋଚନାଚକ୍ର

**ବ୍ରହ୍ମପୁର,୨୦ ।୧(ସମିସ):** ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ସୋମବାର 'ସ୍ୱସ୍ତିକ-ଟିଭି'ର ୮ମ ବାର୍ଷିକ ଉତ୍ସବ ମୁଖ୍ୟ ପରିଚାଳିକା ଅନୁଜା ନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । 'ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତାର ମହତ୍ୱ' ସମ୍ପର୍କିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଉଦଘୋଷକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ, ଆଇନଜୀବୀ ପ୍ରଦୀପ ଶତପଥୀ ଓ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ପ୍ରମୁଖ ଯୋଗଦେଇ ମତ ରଖିଥିଲେ । ନକ୍ଷତ୍ର ଟିଭି ନ୍ୟୁଜର ଦକ୍ଷିଣଓଡିଶା ମୁଖ୍ୟ ଇତିଶ୍ରୀ ସମାପିକା ମହାନ୍ତି, ପୁଷ୍ପିତା ପଟ୍ଟନାୟକ, 'ଚେତାବନୀ'ର ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ, ଗୀତା ପଣ୍ଡା, ସ୍ମିତାଲୀ ସ୍ମୃତିସଂଧ୍ୟା ଓ ରଶ୍ମିତା ଦଳାଇ ପ୍ରମୁଖ ମହିଳା ସାମ୍ବାଦିକାଙ୍କୁ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଷ୍ଠାତା ସେବକ ଗରଡ଼ା ଧନ୍ୟବାଦ ଦେଇଥିଲେ । ଧର୍ମେନ୍ଦ୍ର ରାଉଳ, ଇତିଶ୍ରୀ ପାତ୍ର, ନୃସିଂହ ରାଉଳ ଓ ଉଷାରାଣୀ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।




# ଟାର୍ଗେଟରେ ଥିଲେ 'ରୋଶନ', ଶିକାର ହେଲେ 'ରବି'!

**ବ୍ରହ୍ମପୁର,୨୦ ।୧(ସମିସ)**

ସହରରେ ମୁଣ୍ଡ ଟେକୁଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧୀ ଗ୍ୟାଙ୍ଗ । ନିୟମିତ ବ୍ୟବଧାନରେ ଅପରାଧ ଘଟଣା ଭିଆଇ ପୁଲିସକୁ ଦେଉଛନ୍ତି ଖୋଲା ଚାଲେଞ୍ଜ । ଅପରାଧୀଙ୍କୁ ସାବଡ଼ କରିବାରେ ପୁଲିସ ବିଫଳ ହେଉଥିବା ବେଳେ ସହରରେ ସ୍ପଷ୍ଟ ଦିବାଲୋକରେ ସର୍ବସାଧାରଣରେ ହେଉଛି ହଣାମରା । ରବିବାର ସନ୍ଧ୍ୟାରେ ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଧୋବାବନ୍ଧ ହୁଡ଼ାରେ ରବି ମହାଙ୍କୁଡ଼ ନାମକ ଜଣେ ଯୁବକଙ୍କ ଉପରେ ପଡିଛି ଧାରୁଆ ମାରଣାସ୍ତ୍ରରେ ଚୋଟ । ଆକ୍ରମଣରେ ଆହତ ରବିଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହୋଇ ସେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । କାଳିଆ ସାହୁ ଓ ତାର ଅନ୍ୟ ଦୁଇ ସହଯୋଗୀ ରବିଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାରରେ ପୁଲିସ ତଦନ୍ତ କରୁଛି । ସୂଚନା ପ୍ରକାରେ, ହତ୍ୟା ଉଦ୍ୟମ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ରୋଶନ ଖଟେଇ କିଛିମାସ ପୂର୍ବେ ଜାମିନରେ ଆସିଥିଲେ । ସେହି ସମୟରେ କାଳିଆ ସାହୁ ମଧ୍ୟ ଅନ୍ୟଏକ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା । କୌଣସି କାରଣରୁ ରୋଶନକୁ ହତ୍ୟା କରିବା ପାଇଁ କାଳିଆ ଯୋଜନା କରିଥିଲା ।

ଶନିବାର ସନ୍ଧ୍ୟାରେ ରୋଶନକୁ ହତ୍ୟା କରିବା ଉଦ୍ଦେଶ୍ୟରେ କାଳିଆ ଓ ତାର ସହଯୋଗୀମାନେ ବିଭିନ୍ନ ସ୍ଥାନରେ ଛକି ବସିଥିଲେ ହେଁ ସେମାନଙ୍କ ହାବୁଡରେ ରୋଶନ ପଡ଼ିନଥିଲେ । ରବିବାର ରୋଶନ ସହ ରବି କଥା ହେଉଥିବା ଖବର କଳିଆ ଓ ସହଯୋଗୀ ଜାଣିବାକୁ ପାଇଥିଲେ । ସେହିକ୍ରମରେ ଗୋଟିଏ ବାଇକରେ କାଳିଆ ଓ ତାର ସହଯୋଗୀମାନେ ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ଧୋବାବନ୍ଧ ହୁଡ଼ାରେ ପହଞ୍ଚି ରବି ସହ କଥା ହୋଇଥିଲେ । ପରେ ରୋଶନ ସାଙ୍ଗେ କାହିଁକି ମିଶୁଛୁ ଓ କଣ କଥା ହୋଇଛୁ ବୋଲି କହି ଗାଳିଗୁଲଜ କରି ମାରପିଟ କରିଥିଲେ । ପରେ ରବି ଦୌଡ଼ି ଯାଇ ଏକ କାତି ଆଣି କାଳିଆକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ହେଁ କାଳିଆର ସହଯୋଗୀମାନେ ରବି ଠାରୁ କାତି ଛଡାଇ ନେଇ ରବିର ହାତକୁ ଗୋଟିଏ ଚୋଟ ପକାଇଥିଲେ । ଫଳରେ ରବି ଗୁରୁତର ଆହତ ହୋଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ କାଳିଆ ଓ ତାର ସହଯୋଗୀମାନେ ବାଇକ ଛାଡି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ରବି ଓ ସ୍ଥାନୀୟ ଲୋକେ ଏକାଠି ହୋଇ ଆକ୍ରମଣକାରୀ କାଳିଆ ଛାଡି ଯାଇଥିବା ବାଇକକୁ ପୋଡିଦେଇବା ସହ କାଳିଆଙ୍କ ଘରେ ତାଲା ପକାଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା । ଆକ୍ରମଣ ପୂର୍ବ ଶତ୍ରୁତାରୁ ହୋଇଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି । ସୋମବାର କାଳିଆ ସହର ଛାଡି ବାହାରକୁ ଚାଲିଯିବାକୁ ଯୋଜନା କରୁଥିବା ନେଇ ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ପାଇଥିଲେ । ସେହି କ୍ରମରେ ଥାନା ଅଧିକାରୀ ତୁରନ୍ତ ଏକ ଟିମ ଗଠନ କରି ବ୍ରହ୍ମପୁର ଷ୍ଟେସନରୁ କାଳିଆକୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

● ଫେରାର ଉଦ୍ୟମ ବେଳେ ଷ୍ଟେସନରୁ ଅଭିଯୁକ୍ତକୁ ଉଠାଇନେଲା ପୁଲିସ

● କାଳିଆର ଘରେ ତାଲା ପକାଇ ବାଇକ୍ ପୋଡ଼ିଦେଲେ ଆହତ ରବି

एनटीपीसी NTPC
ଏନ ଟି ପି ସି ଲିମିଟେଡ
(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ବର ସୁପର୍ ଥର୍ମାଲ୍ ପାୱାର ଷ୍ଟେସନ, ଷ୍ଟେଜ୍-୧ (୧୯୮୦ ମେଗାୱାଟ୍)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି ।
୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ :
କ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଖ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଗ) ଝାଡଖଣ୍ଡ ଉର୍ଜା ବିକାଶ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ୱା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡକୋ ଲିମିଟେଡ, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ପାୱାର ଡିପାର୍ଟମେଣ୍ଟ, ସିକିମ୍ ସରକାର, କାଜି ରୋଡ, ଗ୍ୟାଙ୍ଗଟକ୍, ସିକିମ୍-୭୩୭୧୦୧
ଚ) ଗୁଜୁରାଟ ଉର୍ଜା ବିକାଶ ନିଗମ ଲିମିଟେଡ, ସର୍ଦାର ପଟେଲ ବିଦ୍ୟୁତ୍ ଭବନ, ରେସକୋର୍ସ, ବଡୋଦା-୩୯୦୦୦୭
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୧୯୮୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୧୪୯୮୩.୧୪ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୮.୨୦୨୩ (U#2)
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ :

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | | |
|---|---|---|---|---|---|---|---|
| | | 2024-25 (01.04.24-30.03.2025) | 2024-25 (31.03.25-31.03.2025) | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 304477.99 | 306981.24 | 427256.18 | 427509.45 | 435229.41 | 438222.94 | 432861.49 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ) | 3.52 | 3.23 | 3.23 | 3.23 | 3.27 | 3.27 | 3.27 |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ବର ସୁପର୍ ଥର୍ମାଲ୍ ପାୱାର ଷ୍ଟେସନ୍, ଷ୍ଟେଜ୍-୧ (୧୯୮୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି ।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୫.୧୨.୨୦୨୪
(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

# ୮୦ ଜଣଙ୍କୁ ମିଳିଲା ଜଙ୍ଗଲଜମି ପଟ୍ଟା

ଦାରିଙ୍ଗବାଡ଼ି, ୨୦।୧(ସମିସ)



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ତହସିଲ ବୁଢ଼ାଗୁଡ଼ା ରାଜସ୍ୱ ଡେଡିମାହା ଗ୍ରାମରେ ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ଜମି ଜମା ସମ୍ପର୍କିତ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ଭୂ-ଲେଖ ରେକର୍ଡଭୁକ୍ତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରୁଛନ୍ତି। ତେଣୁ ଯେଉଁମାନେ ଏବେ ଏହି ପଟ୍ଟା ପାଉଛନ୍ତି ଆଉ ଜମି ପଟ୍ଟାକୁ ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି ତହସିଲଦାର କହିଥିଲେ। ଡେଡିମାହା ଗ୍ରାମର ୮୦ ଜଣଙ୍କୁ ଭୂ-ଲେଖ ରେକର୍ଡଭୁକ୍ତ ଜଙ୍ଗଲଜମି ବଣ୍ଟନ କରାଯାଇଥିଲା। ଏଥିସହ ଯେଉଁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି, ଉକ୍ତ ଜଙ୍ଗଲରେ ଥିବା ବୃକ୍ଷ କାଟି ନଷ୍ଟ କରିପାରିବେନି ବରଂ ସେଠାରେ ଜୀବନ ଜୀବିକାର ସ୍ୱାବଲମ୍ବୀ ହେବାକୁ ଗୋଲମରିଚ ଗଛ ସମେତ ବିଭିନ୍ନ ଚାରା ରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଗୋଷ୍ଠୀ ଜଙ୍ଗଲଜମିର ସୁରକ୍ଷା ନେଇ ପରାମର୍ଶ ଦିଆଯାଇଥିଲା। ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବିପର୍ଯ୍ୟସ୍ତ ସମୟରେ କିଭଳି ସରକାରଙ୍କ କ୍ଷତିପୂରଣ ଦେବା ନିୟମ ରହିଛି ସେ ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମକୁ 'ପ୍ରଦାନ' ସଂସ୍ଥାର ବ୍ଲକ କଡ଼ିନେଟର ପରିଚାଳନା କରିଥିଲେ। ଏହି ଅବସରରେ ବୁଢ଼ାଗୁଡ଼ା ଆରଆଇ ଜଶ୍ମୀନା ପ୍ରଧାନ, ଅମିନ କାଶୀନାଥ ପ୍ରଧାନ, 'ପ୍ରଦାନ'ର ବ୍ଲକ କଡ଼ିନେଟର ଡ଼ମ୍ବୁରୁଧର ଦିଗାଲ, ଜମି ସାଥି ପିଣ୍ଟୁ ଦିଗାଲ, ଏଫଆରଏ ସେଲ୍‌ଫର କୋଡିନେଟର ଶଲ୍ୟ ପ୍ରଧାନ ଉପସ୍ଥିତ ରହି ପଟା ବଣ୍ଟନ କରିଥିଲେ।

# ଖେମୁଣ୍ଡି କଲେଜରେ ଅର୍ଥନୀତି ପାଠଚକ୍ର

**ଦିଗପହଣ୍ଡି, ୨୦।୧(ସମିସ):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଅର୍ଥନୀତି ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ ୨ ଦିନିଆ ଜାତୀୟ ପାଠଚକ୍ର ଉଦ୍‌ଯାପିତ ହୋଇଯାଇଛି। 'ବିକଶିତ ଭାରତ ଯାତ୍ରା ପଥରେ ଗ୍ରାମାଞ୍ଚଳର ସ୍ଥାୟୀ ରୂପାନ୍ତରଣ' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ପାଠଚକ୍ରରେ କଲେଜ ଅଧ୍ୟକ୍ଷ ଡ.ଅସିତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ପାଠଚକ୍ର ପରିଚାଳନା ସମ୍ପାଦକ ଡ. କୈଳାସ ଚନ୍ଦ୍ର ଦିୱାନ ବେହେରା ଏବଂ ଅଧ୍ୟାପକ ପ୍ରଭଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ମିଳିତ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଦିବସରେ କଲେଜ ପରିଚାଳନା କମିଟିର ପୂର୍ବତନ ସଭାନେତ୍ରୀ ଡ. ସନ୍ଧ୍ୟାରାଣୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉତ୍ତର-ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟର ଡ. ଅମ୍ବିକା ପ୍ରସାଦ ପତି, ବିଶାଖାପାଟଣାର ପ୍ରଫେସର ଡ. କ୍ରିଷ୍ଣା କୁମାର ଭେଲୁରି ଏବଂ ବ୍ରହ୍ମପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଶିବ ଶଙ୍କର ମହାନ୍ତି, ଡ. କବିତା କୁମାରୀ ସାହୁ, ଡ. ମନୋଜ କୁମାର ଦାସ, ଡ. ଜ୍ଞାନ ରଞ୍ଜନ ମହାନ୍ତି, ଡ. ଚନ୍ଦ୍ର ଶେଖର ବାହିନୀପତି ଏବଂ ଡ. ଦେବେଶ ଭୌମିକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେହିଭଳି ଉଦଯାପନୀ ଦିବସରେ ଚେନ୍ନାଇସ୍ଥିତ ବିନାୟକ ମିଶନ ରିସର୍ଚ୍ଚ ଫାଉଣ୍ଡେସନର ଭିଜିଟିଂ ପ୍ରଫେସର ଡ. ନୀଳମଣି ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ନୂଆଦିଲ୍ଲୀ ପିପିଆରଏଲ୍ ମୁଖ୍ୟ ଡ. ଅନନ୍ତ ବାସୁଦେବ ସାହୁ, ବାରିପଦା ଏମଏସସିବିଡି ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ. ଆଦିତ୍ୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭେଲୋର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ମହମ୍ମଦ ଅଫଜଲ,



ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ସୁରେଶ କୁମାର ପାତ୍ର, ବ୍ରହ୍ମପୁର ଖଲିକୋଟ ବିଶ୍ୱବିଦ୍ୟାଳୟର ଡ. କିଶୋର ହରି ବାଡତ୍ୟା, ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଶିକ୍ଷା ଅଧିକାରୀ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଡ. ସୁଶାନ୍ତ କୁମାର ବୀରୋ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ପାଠଚକ୍ର ସଫଳତା ଦିଗରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

● ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତ ଗାଡ଼ି ଚାଳକ ଗିରଫ

**ଦିଗପହଣ୍ଡି, ୨୦।୧(ସମିସ):** ଦିଗପହଣ୍ଡି ପୁଲିସ ସୋମବାର ଗୋଳନ୍ଥରା ଥାନା ମେଣ୍ଡରାଜପୁର ଗ୍ରାମର ଗାଡ଼ି ଚାଳକ କବିସୂର୍ଯ୍ୟ ପାତ୍ର ଓରଫ କବିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ନିକଟରେ ଗତ ଶୁକ୍ରବାର ପୂର୍ବାହ୍ନରେ ବ୍ରହ୍ମପୁର ଠାରୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନଂ.ଓଡ଼ି ୦୭ ବି -୬୩୫୪) ମାଡ଼ି ଯିବାରୁ ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ପି. ରାନି ପାତ୍ର(୨୩) ନାମ୍ନୀ ମହିଳା ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ପି. ଲକ୍ଷ୍ମୀନାରାୟଣ ପାତ୍ର ଏବଂ ତାଙ୍କ ଦେଢବର୍ଷର ଝିଅ ଲିଟିଲି ସାମାନ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳରୁ ଟ୍ରକ୍ ଚାଳକ କବିସୂର୍ଯ୍ୟ ଫେରାର ହୋଇଯାଇଥିଲେ।

# 'ପ୍ରଶାସନ ଏବେ ଗ୍ରାମାଭିମୁଖୀ' କର୍ମଶାଳା

**ସାନଖେମୁଣ୍ଡି, ୨୦।୧(ସମିସ):** ସରକାର ପ୍ରଶାସନ ଓ ଗ୍ରାମପଞ୍ଚାୟତ ଗୋଟିଏ ବିନ୍ଦୁରେ ରହି ଗ୍ରାମ୍ୟ ବିକାଶର ମହାସିନ୍ଧୁରେ ସାମିଲ ହେବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନ କଲ୍ୟାଣ ଯୋଜନାର ସଫଳ ରୂପାୟନ ହେବ। ଜନମଙ୍ଗଳ ଯୋଜନାର ସଫଳ ରୂପାୟନରେ ପଞ୍ଚାୟତର ଭୂମିକା ସହ ଜନଗଣଙ୍କ ସହଭାଗିତା ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି ଗଞ୍ଜାମ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ସିଙ୍ଗିପୁର ପଞ୍ଚାୟତସ୍ତରୀୟ 'ପ୍ରଶାସନ ଏବେ ଗ୍ରାମାଭୀମୁଖୀ' ଶୀର୍ଷକ ସଚେତନ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି। ସରପଞ୍ଚ ପ୍ରତିମା କୁମାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଉପାଧ୍ୟକ୍ଷା ରିଙ୍କି ନାୟକ, ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ। ଗୋଷ୍ଠୀ କଲ୍ୟାଣ ଅଧିକାରୀ ଅନ୍ତର୍ଯ୍ୟାମୀ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା ବାହନ ଦାସ, ସିଡିପିଓ ଭବାନୀ ବେହେରା, ବିଭିଓ ପ୍ରବୀଣ କୁମାର ସାହୁ, ଜିପିଇଓ ମୋନାଲିସା କିସ୍କୁ, ବିଏସଏସଓ ରମାକାନ୍ତ ମାଝୀ, ଏଏଓ ସାର୍ଥକ ପାଢ଼ୀ, ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଉପମା ଘଡେଇ, ରଶ୍ମିତା ସେଠୀ ପ୍ରମୁଖ ନିଜନିଜ ବିଭାଗୀୟ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ମହାପାତ୍ରଙ୍କ ସହ ପିଇଓ ରାମକୃଷ୍ଣ ନାୟକ, ସମିତି ସଭ୍ୟ ଜନାର୍ଦ୍ଦନ ପଲେଇ, ସରପଞ୍ଚ ସୀମାଞ୍ଚଳ ଗୌଡ଼, ଧୋବା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଫସଲ ନଷ୍ଟ କ୍ଷତିପୂରଣ ପ୍ରକ୍ରିୟା ଆରମ୍ଭ

**ଧରାକୋଟ, ୨୦।୧(ସମିସ):** ଲଗାଣ ବର୍ଷାରେ ଧରାକୋଟ ତହସିଲ ଅଞ୍ଚଳ ଚାଷୀଙ୍କ ଖରିଫ ଧାନ ପ୍ରାୟ ୪୦ ପ୍ରତିଶତ ନଷ୍ଟ ହୋଇଯାଇଥିଲା। ଚାଷୀଙ୍କ ଅଭିଯୋଗ ପରେ ମନ୍ତ୍ରୀ ଓ ସରକାରୀ ଅଧିକାରୀ ମାନେ କ୍ଷତିଗ୍ରସ୍ତ ଜମିକୁ ଦେଖିବା ପରେ ରିପୋର୍ଟ ପ୍ରଦାନ କରିଥିଲେ। ସମ୍ପ୍ରତି ସରକାରୀ ସ୍ତରରେ ଏହାର ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହି ଅନୁପାତରେ ଧରାକୋଟ ତହସିଲକୁ ୨ କୋଟି ୬୭ ଲକ୍ଷ ୨୮ ହଜାର ୫୫୧ଟଙ୍କା ମଞ୍ଜୁର ହୋଇଥିବା ତହସିଲଦାର ଲମ୍ବୋଦର ମାରାଣ୍ଡି କହିଛନ୍ତି। ଧରାକୋଟ ତହସିଲ ଅନ୍ତର୍ଗତ ଧରାକୋଟ, ମୁଣ୍ଡମରାଇ, ଢ଼ଉଗାଁ, ଝାଡ଼ବନ୍ଧ, ଜାହାଡା, ବରଡାବିଲି, ମାଣିକପୁର ରାଜସ୍ୱ ସର୍କଲର ୨୦୫ ରାଜସ୍ୱ ଓ ଜଙ୍ଗଲ ଅଧିକୃତ ଗ୍ରାମର ୮୦୨୬ ଜଣ ଚାଷୀ ଏହି କ୍ଷତିପୂରଣ ଅର୍ଥ ପାଇବେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କବିସୂର୍ଯ୍ୟନଗର, ୨୦।୧(ସମିସ):** କବିସୂର୍ଯ୍ୟନଗର ଆଠଗଡ଼ପାଟଣା ନାରାୟଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଣବ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଲିସ ଏସଆଇ ତୁଳାରାମ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଜାହାଙ୍ଗୀର ଖାଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପ୍ରହରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାପାତ୍ର, ଡ. ସୁଶାନ୍ତ କୁମାର ସାହୁ, ଚିତ୍ରସେନ ଡାକୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉମାଚରଣ ପଣ୍ଡା, ଶ୍ୟାମସୁନ୍ଦର ପ୍ରଧାନ ଓ ସୁଧାକର ଦାସ ପ୍ରମୁଖ ସହଯୋଗ କରିଥିଲେ। ଦୁଇ ଟ୍ରେନର ଜୟନ୍ତୀ ପ୍ରଧାନ ଓ ନବାନିତା ସ୍ୱାଇଁ ତାଲିମ ଦେଇଥିଲେ।




# ଜାଭିୟର୍ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**କବିସୂର୍ଯ୍ୟନଗର, ୨୦।୧(ସମିସ):** କବିସୂର୍ଯ୍ୟନଗର ବୁଢ଼ାମ୍ବ ସ୍ଥିତ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶିବ ରାମ ବେହେରାଙ୍କ ପୌରୋହିତ୍ୟରେ କ୍ରୀଡାବିତ ହାଡୁବନ୍ଧୁ ସାହୁ ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଏବଂ କ୍ରୀଡା ସହ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ।



ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ଫିଆଜୁ ଦିନ୍ ଖାଁ, କାୟମ ଉଡିନ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଷ୍ଣୁ ପ୍ରସାଦ ଜେନା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀ ମୂଲିଆ ସଂଘର ସମ୍ମିଳନୀ

**ଭଞ୍ଜନଗର, ୨୦।୧(ସମିସ):** ଜଗନ୍ନାଥପ୍ରସାଦ ବୋଡା ନଦୀ ନିକଟ ଆମ୍ବ ତୋଟାରେ ଚାଷୀ ମୂଲିଆ ସଂଘ, ଓଡ଼ିଶାର ଜଗନ୍ନାଥପ୍ରସାଦ ବ୍ଲକ ଆବାହକ କମିଟି ପକ୍ଷରୁ ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୧୧ ଜଣିଆ କମିଟି ଗଠନ ହେବା ସହିତ ସଭାପତି ଭାବେ ସାଥୀ ଗନ୍ଧର୍ବ ନାଇକ ଓ ସମ୍ପାଦକ ଭାବେ ଶିବରାମ ନାଇକ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ଆବାହକ ନିରାକାର ନାୟକ ଯୋଗଦେଇ ଭାରତରେ ଅର୍ଥନୈତିକ, ସାମାଜିକ ନ୍ୟାୟ, ଓ ପ୍ରାକୃତିକ ସମ୍ପଦର ଅଧିକାର ୭୦ ଭାଗ ଚାଷୀ ମୂଲିଆକୁ ମିଳିପାରିନାହିଁ ବୋଲି କହିଥିଲେ। ସମ୍ମିଳନୀରେ ଲଡୁ ନାଇକ, ବାବୁଲା ନାଇକ, ବୁଗୁଡ଼ା ବ୍ଲକର ବାଞ୍ଛା ନାଇକ, ଦାଶରଥି ନାଇକ, ଗନ୍ଧର୍ବ ନାଇକ ଉପସ୍ଥିତ ହେବା ଶହ ବହୁ ଚାଷୀ ମୂଲିଆ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ଛତ୍ରପୁର, ୨୦।୧(ସମିସ):** ଛତ୍ରପୁର ଅନସ୍ଲୋ ହାଇସ୍କୁଲର ୧୯୮୩ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ପୁରୋହିତ, ପର୍ଶୁରାମ ଦଳେଇ, କେଦାର ସାହୁ, ବିଶ୍ୱନାଥ ପଣ୍ଡା ଓ ଅଭିମନ୍ୟୁ ପଣ୍ଡା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ଦିନର ସ୍ମୃତି ଓ ଅନୁଭୂତି ମନେ ପକାଇଥିଲେ। କାର୍ଯ୍ୟକ୍ରମକୁ ହରେକୃଷ୍ଣ ପଟ୍ଟନାୟକ, ରାମନାରାୟଣ ପାତ୍ର, ବି.ଶ୍ରୀନିବାସ, ଡ.ଅମୂଲ୍ୟ କୁମାର ମିଶ୍ର, ଡ.ଅରୁଣ କୁମାର ଦାଶ, କେ.ଭେଙ୍କେଟେସ୍ ରାଓ, ମନୋଜ ପଟ୍ଟନାୟକ, ସୁଧାଂଶୁ ଶେଖର ପାତ୍ରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପରଲୋକ

**ରଙ୍ଗେଇଲୁଣ୍ଡା, ୨୦।୧(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା କୃଷ୍ଣଚନ୍ଦ୍ର ସାହୁ (୫୮)ଙ୍କ ରବିବାର ଅପରାହ୍ନରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ଶ୍ରୀ ସାହୁଙ୍କ ନିଜ ବାସଭବନ ଡୁରା ଗ୍ରାମରେ ହୋଇଥିବା ବେଳେ ଗତ ୮ ମାସ ହେବ ଗଞ୍ଜାମ ବ୍ଲକରୁ ବଦଳି ହୋଇ ରଙ୍ଗେଇଲୁଣ୍ଡା ବ୍ଲକକୁ ଆସିଥିବା ବେଳେ ରଙ୍ଗେଇଲୁଣ୍ଡା ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ଗତ ଏକ ସପ୍ତାହ ତଳେ ଦେହ ଅସୁସ୍ଥ ହେବାରୁ ପରିବାର ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଉଥିଲେ।

ତୃତୀୟ ଚିତ୍ତରଞ୍ଜନ ଟ୍ରଫି ଉଦ୍‌ଯାପିତ

# ମୁଣ୍ଡମରାଇ ଦଳ ଚାମ୍ପିଅନ

**ଧରାକୋଟ, ୨୦।୧(ସମିସ):** ଧରାକୋଟ ମିନି ଷ୍ଟାଡିୟମରେ ଦୀର୍ଘ ପନ୍ଦର ଦିନ ଧରି ଚାଲିଥିବା ତୃତୀୟ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଗେଲେକ୍ସୀ ଇଲେଭେନ ମୁଣ୍ଡମରାଇ ଓ ଡେଲିସିଅସ କ୍ରିକେଟ କ୍ଲବ ଚେରମାରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେରମାରିଆ ଦଳ ଟସ ଜିଣି ୨୦ ଓଭରରେ ୯ ୱିକେଟ ବିନିମୟରେ ୨୦୮ ରନ ସଂଗ୍ରହ କରିଥିବା ବେଳେ ମୁଣ୍ଡମରାଇ ଦଳ ୧୮ ଓଭର ଖେଳି ୪ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିଜୟୀ ଦଳର



ସୁନିଲ ପାଣିଗ୍ରାହୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ୱାଇସିସି କ୍ଲବ ସଭାପତି ସୁନିଲ କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁରେନ୍ଦ୍ର ନାଥ ଗୌଡ଼, ପୂର୍ବତନ ଖେଳାଳୀ ମିନ କେତନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ହୃଦାନନ୍ଦ ଜେନା ଯୋଗଦେଇଥିବା ବେଳେ ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷାବିତ ପ୍ରଶାନ୍ତ କୁମାର ଡାକୁଆ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଦିପୁ ଦାସ ଓ ଅଶ୍ୱିନୀ ବିଶୋଇ ମ୍ୟାଚ ପରିଚାଳନା କରିଥିଲେ। ୟଙ୍ଗ କ୍ରିକେଟ କ୍ଲବର ସଦସ୍ୟ ବାପୁନି ସ୍ୱାଇଁ, ଦୀଲିପ ପ୍ରଧାନ ସମସ୍ତ ଦିବସର ଖେଳକୁ ପରିଚାଳନା କରିଥିବା ବେଳେ କ୍ଲବର ସଦସ୍ୟ ଅନୀଲ ପ୍ରଧାନ, ଲିକୁ ଶତପଥୀ, କୁନା ସ୍ୱାଇଁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବମକୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଦିଗପହଣ୍ଡି, ୨୦।୧(ସମିସ):** ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ। ପରେ ଯୁକ୍ତ ଦୁଇ ଶ୍ରେଣୀର ବାଳକ ଓ ବାଳିକା ବିଭାଗର ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାକୁ କ୍ରୀଡ଼ା ଶିକ୍ଷକ ଏସ. ସୀତାରାମ ମୂର୍ତ୍ତି, ଗୋପାଳ ରେଡ୍ଡୀ ଏବଂ ନରସିଂହ ସେଠୀ ପରିଚାଳନା କରିଥିଲେ। ବାଳିକା ବିଭାଗରେ ପ୍ରଥମ ବର୍ଷ ଛାତ୍ରୀ




କିଶୋରୀ ବେହେରା ଏବଂ ବାଳକ ବିଭାଗରେ ଦ୍ୱିତୀୟ ବର୍ଷ ଛାତ୍ର ଗଣେଶ ଶବର ଚାମ୍ପିଅନ ହୋଇଥିଲେ। ସମସ୍ତ କୃତୀ କ୍ରୀଡ଼ାବିତ୍ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ଶିଶୁମନ୍ଦିରରେ ବିଜ୍ଞାନ ଓ କଣ୍ଢେଇ ମେଳା



**ରମ୍ଭା, ୨୦।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସନ୍ତୋଷପୁର କ୍ଲଷ୍ଟର ସିଆରସିସି ରତ୍ନାକର ସେଠୀ, ରତ୍ନେଶ୍ୱର ବିଦ୍ୟା ପୀଠର ବିଜ୍ଞାନ ଶିକ୍ଷକ ବାପୁଜୀ କୁମାର ଦାଶ ମୁଖ୍ୟ ବିଚାରପତି ଉପସ୍ଥିତ ରହି ମାର୍ଗ ଦର୍ଶନ ଦେଇଥିବା ସମସ୍ତ ପ୍ରକଳ୍ପଗୁଡିକୁ ପରିଦର୍ଶନ କରିଥିଲେ। ସବୁଠୁ ଆକର୍ଷଣ ଥିଲା ସୌର ପରିବାର। ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ଓ ସଞ୍ଜୟ କୁମାର ବେହେରା, ମିନାକ୍ଷୀ ପଳାଇ, ମୋନାଲିସା ଗୌଡ଼, ଇନ୍ଦିରା ରେଡ୍ଡୀ, ନିହାରିକା ସ୍ୱାଇଁ, ପିଙ୍କି ଜେନା, ଜ୍ୟୋତି ବେହେରା ବିନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟ ସମ୍ମିଳନୀରେ ସାମିଲ ହେଲେ ୫୬ ଗାଁର ମତ୍ସ୍ୟଜୀବୀ ସାହିତ୍ୟିକ

ରମ୍ଭା, ୨୦।୧(ସମିସ)



ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ସେବକ ସଂଘ ରମ୍ଭା ଆନୁକୂଲ୍ୟରେ ଓଡ଼ିଆ ଭାଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ହରେକୃଷ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଗଞ୍ଜାମ ଓ ଖୋର୍ଦ୍ଧା ଅଞ୍ଚଳର ୫୬ଖଣ୍ଡ ଗାଁର ଚିଲିକା ମତ୍ସ୍ୟଜୀବୀ ଜାତିର ସାହିତ୍ୟିକମାନେ ଯୋଗ ଦେଇଥିଲେ। ସମ୍ପାଦକ ଶେଷଦେବ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷା ପ୍ରଶାସକ, ସାହିତ୍ୟିକ ଭାଗିରଥି ବେହେରା, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ଚକ୍ଷୁ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ବେହେରା, ପ୍ରାକ୍ତନ ଶ୍ରମ କମିଶନର ତଥା ବରିଷ୍ଠ କବି ଦୀନବନ୍ଧୁ ଅଧିକାରୀ, କବି ତଥା ପ୍ରାକ୍ତନ ରେଳବାଇ ଅଧିକାରୀ ହଳଧର ବେହେରା, ବରିଷ୍ଠ କବି ହୃଷୀକେଶ ବେହେରା ଓ ପୂର୍ବତନ ତହସିଲଦାର ରଘୁନାଥ ବେହେରା ଏବଂ ମୁଖ୍ୟବକ୍ତା ଭାବେ ଛପନ ଖଣ୍ଡ ଗ୍ରାମ ଚିଲିକା ମତ୍ସ୍ୟଜୀବୀ କାଳ ମହାସଂଘର ସଭାପତି ତଥା କବି ବ୍ରଜବନ୍ଧୁ ବେହେରା ମଞ୍ଚାସୀନ ରହି ଓଡ଼ିଆ ଭାଷା ସୁରକ୍ଷାରେ ଆମର ଭୂମିକା ଉପରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଶଶିକାନ୍ତ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହାପରେ ସହିଦ ଭଗତ ସିଂ କଲେଜ ଖଣ୍ଡଦେଉଳିର ଓଡ଼ିଆ ଅଧ୍ୟାପିକା ଡ.ଜୟନ୍ତୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ କବି ସୁବାସ ଚନ୍ଦ୍ର ଡାଙ୍ଗୁଆ, କେଶବ ବେହେରା, ସୀତାରତ୍ନମାଳା ବେହେରା, ଦିବାକର ବେହେରା, ଘନଶ୍ୟାମ ବେହେରା, ଗଣପତି ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଚନ୍ଦନ କୁମାର ବେହେରା, ସତ୍ୟପୀର ବେହେରା, ବନମାଳୀ ବେହେରା, ହେମନ୍ତ ବେହେରା, ଭରତ ବେହେରା, ବଳରାମ ବେହେରା, ମନୋଜ ବେହେରା, ନଟବର ବେହେରା, ଉପେନ୍ଦ୍ର ବେହେରା, ଚିନୁ ବେହେରା, ସେତ ବେହେରା, ଜୟଶ୍ରୀ ବେହେରା, ଦିନେଶ ବେହେରା, ଶିବରାମ ବେହେରା, ସୁଜିତ ବେହେରା, ରାଧାମୋହନ ଦାସ ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ତଥା କବି ସୁରେନ୍ଦ୍ର ବେହେରା କବିତା ଗୁଡ଼ିକ ସଂଯୋଜନା କରିଥିବା ବେଳେ ସେବକ ସାହିତ୍ୟ ସମ୍ମିଳନୀର ମୁଖ୍ୟ ସଂଯୋଜକ ସାହିତ୍ୟିକ ତଥା ଆଞ୍ଚଳିକ ଲୋକକଳା ଓ ସାଂସ୍କୃତିକ ମହୋତ୍ସବର ନିର୍ଦ୍ଦେଶକ ଶ୍ରୀ ପ୍ରହ୍ଲାଦ ବେହେରା କବିତା ଗୁଡ଼ିକୁ ସମୀକ୍ଷା କରିଥିଲେ।

## ଷଣ୍ଢ ଲଢ଼େଇରେ ଦୋକାନ ଭାଙ୍ଗିଲା

ପୋଲସରା,୨୦ ।୧(ସମିସ): ପୋଲସରା ସହରରେ ଦିନକୁ ଦିନ ବୁଲା ଗାଇଗୋରୁ ଷଣ୍ଢ ମାନଙ୍କର ପାଦୁର୍ଭାବ ବଢୁଥିବା ବେଳେ ସୋମବାର ମା' ରତନୀ ମନ୍ଦିର ଛକ ନିକଟରେ ହଠାତ୍ ଷଣ୍ଢ ଲଢ଼େଇ ଲାଗି ଦୋକାନ ଭିତରେ ପଶି ଯାଇଥିଲେ। ଯାହାକୁ ନେଇ ମନ୍ଦିର ସମ୍ମୁଖରେ ଥିବା ମା' ରତନୀ ପୂଜା ଭଣ୍ଡାର ସହ ନିକଟରେ ଥିବା ବହୁ ଦୋକାନ ଏବଂ ଠେଲାଗାଡିରେ ଥିବା ପରିବା ବିକାଳିଙ୍କ ସବୁ ପରିବା ନଷ୍ଟ ହୋଇ ଯାଇଥିଲା। ପୂର୍ବ ଅପେକ୍ଷା ବର୍ତ୍ତମାନ ପୋଲସରା ସହରରେ ଦୋକାନ ବଜାରକୁ ନେଇ ସଦାସର୍ବଦା ଗହଳି ଚହଳି ଲାଗି ରହିଥିବା ବେଳେ ବୁଲା ଗାଇଗୋରୁ ଓ ଷଣ୍ଢ ମାନଙ୍କ ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଉଛି। ଏନେଇ ପୋଲସରା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଷଣ୍ଢ ଲଢ଼େଇରେ ବାବୁ ପ୍ରଧାନ, ବୁଲୁ ସାହୁ, ଜିତେନ୍ଦ୍ର ଖଟେଇ,ସାଗର ପ୍ରଧାନଙ୍କ ଭଳି ବହୁ ଦୋକାନ ମାଲିକଙ୍କ ବହୁ ସାମଗ୍ରୀ ଏବଂ କାର୍, ବାଇକ୍ ଭାଙ୍ଗି ରୁଜି ନଷ୍ଟ ହୋଇଯାଇଛି। ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ପୋଲସରା ଅଞ୍ଚଳବାସୀ ଦାବି କରିଛନ୍ତି।

## ହାତୀ ପଲ ଫସଲ ଉଜାଡ଼ିଲେ



କୋଦଳା,୨୦ ।୧(ସମିସ): ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ନୂଆଗଡ଼ ଗ୍ରାମରେ ହାତୀପଲ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ହାତୀ ପଲ ପଶି ନୂଆଗଡ ଗ୍ରାମର ବଳରାମ ପ୍ରଧାନଙ୍କ ଜମିରେ ଲାଗିଥିବା ଲକ୍ଷାଧିକ ଟଙ୍କାର ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ହାତୀ ପଲ ଉକ୍ତ ଫସଲ ଦଳି ଚକଟି ଖାଇବା ସହିତ ବ୍ୟାପକ ନଷ୍ଟ କରିଛନ୍ତି। ଏନେଇ ଚାଷୀ ବଳରାମ ପ୍ରଧାନଙ୍କ ଭାଙ୍ଗି ପଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ସେ ନିବେଦନ କରିଛନ୍ତି। ଏନେଇ ସୁମଣ୍ଡଳ ବନବିଭାଗ କର୍ମକର୍ତ୍ତାଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା। ସୂଚନା ପାଇ ବନ ବିଭାଗର କର୍ମଚାରୀ ମାନେ କ୍ଷତଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି। ସେହିପରି ଉକ୍ତ ଗ୍ରାମର ସାଧୁ ବିଷୋୟୀ ଘାଇ ହୁଡାରେ ଲାଗିଥିବା ନଡ଼ିଆ ଗଛ ଏବଂ ଧୋବା ବେହେରାଙ୍କ କଦଳୀ ଗଛ ମଧ୍ୟ ହାତୀ ପଲ ନଷ୍ଟ କରିଛନ୍ତି।

## କାର୍ ଧକ୍କାରେ ଯବାନଙ୍କ ମୃତ୍ୟୁ

ପୋଲସରା,୨୦ ।୧(ସମିସ): କାର୍ ଦୁର୍ଘଟଣାରେ ପୋଲସରା ଅଞ୍ଚଳର ଜଣେ ଯବାନ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବାଲୁଙ୍କେଶ୍ୱର ସାହୁ। ସୋମବାର ସନ୍ଧ୍ୟାରେ ମୃତ ଯବାନଙ୍କୁ ମର୍ଯ୍ୟାଦା ସହ ପୋଲସରା ସହରରୁ ନିଜ ଗ୍ରାମ ଚିରିକିପଡାକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଛି। ସେ କାର୍ଯ୍ୟରତ ଥିବା ସମୟରେ ଭୁବନେଶ୍ୱର ଓ ଖୋର୍ଦ୍ଧା ମଧ୍ୟରେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ହୋଇ ରାସ୍ତା କଡ଼ରେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରଥମେ ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ନିଜ ଗ୍ରାମ ସମେତ ପୋଲସରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲସରା ସହର ସମେତ ଚିରିକିପଡାଶାସନ ଗ୍ରାମରେ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ ହୋଇଛି।

## ଶୀତରେ ଥରୁଛି ଜି.ଉଦୟଗିରି

ଜି.ଉଦୟଗିରି,୨୦।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଚଳିତବର୍ଷର ଶୀତରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଦିନକୁଦିନ ତାପମାତ୍ରା ଖସି ସୋମବାର ୪ ଡିଗ୍ରୀରେ ପହଞ୍ଚିଛି। ରବିବାର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବା ବେଳେ ଆଜି ତାହା ୪କୁ ଖସିଆସିଛି। ଚଳିତ ବର୍ଷ ଶୀତ ଋତୁରେ ସର୍ବନିମ୍ନ ୪.୨ ଡିଗ୍ରୀ ଯାଏ ଯାଇଥିବା ଆଜି ୪ ଡିଗ୍ରୀ ସହିତ ରାଜ୍ୟର ଶୀତଳତମ ସହର ଭାବେ ପରିଗଣିତ ହୋଇଛି। ଅନ୍ୟପଟେ ସର୍ବୋଚ୍ଚ ତାପମାତ୍ରା ମଧ୍ୟ ବଢିବାରେ ଲାଗିଛି। ଶନିବାରସର୍ବୋଚ୍ଚ ତାପମାତ୍ରା ୨୫.୨ ଡିଗ୍ରୀ ରହିଥିବା ବେଳେ, ରବିବାର ଦିନ ଏହା ୨୬.୮କୁ ବୃଦ୍ଧି ପାଇଥିଲା। ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ରହିବା ଫଳରେ ହାଡଭଙ୍ଗା ଜାଡରେ ପ୍ରଭାବିତ ହୋଇଛି ଜୀବନ ଜୀବିକା। ଜି. ଉଦୟଗିରି ଗୁଡୁରିପଡି, ରାଇକଲା, ଡଡାପଡା, ସରୁଚିନାଗିଁଆ ଆଦି ଗ୍ରାମାଞ୍ଚଳର ଅନେକ ସ୍ଥାନରେ ତୁଷାରପାତ ହୋଇଛି।

## ଭୁଶୁଡ଼ିଲା ଶାଳବଣ ଅଙ୍ଗନବାଡ଼ି ତାଜା



କୋଦଳା,୨୦ ।୧(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ପଞ୍ଚାୟତର ଶାଳବଣ ସ୍ଥିତ ଅଙ୍ଗନବାଡି କେନ୍ଦ୍ର -୨ ର ଝରକା ତାଜା ଭାଙ୍ଗି ତଳକୁ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଏହି ଅନୁଷ୍ଠାନକୁ କୁନି କୁନି ଶିଶୁ ମାନେ ଆସିଥାନ୍ତି। ଦୈବାତ ଯଦି କାହା ଉପରେ ଖସି ପଡ଼ିବ ତାହାର ଅବସ୍ଥା ଯେ କଣ ହେବ ତାହା ନ କହିବା ଭଲ। ଏହିପରି ବିପଦ ସଙ୍କୁଳ ଅବସ୍ଥାରେ ଥିବା ତାଜାକୁ ଭାଙ୍ଗି ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

**ଏକତରଫା ପ୍ରେମରୁ ହତ୍ୟାକାଣ୍ଡ**

# ମାରଣାସ୍ତ୍ର ସହ ବାଇକ୍ ଜବତ, ୫ ଗିରଫ

ସୋରଡା,୨୦ ।୧(ସମିସ)

ଶନିବାର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ରାଇବନ୍ଧ ଗାଁ ପୋଖରୀରୁ ଡମ୍ବରୁ ସ୍ୱାଇଁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଡମ୍ବରୁଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଯାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ଡମ୍ବରୁଙ୍କ ସ୍ତ୍ରୀ ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଟିମ ଗଠନ କରିବା ସହ ମୁଖ୍ୟ ଅଭିଯୁକ୍ତ ବାଇନାଥ ସ୍ୱାଇଁ ଓ ବାଳକୃଷ୍ଣ ପ୍ରଧାନଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ମୁଖ୍ୟ ଅଭିଯୁକ୍ତ ବାଇନାଥ ସ୍ୱାଇଁ ପୂର୍ବରୁ ଡମ୍ବରୁଙ୍କ ଝିଅକୁ ଏକତରଫା ପ୍ରେମ କରି ବିବାହ କରିବାକୁ କୁଆଡେ ପ୍ରସ୍ତାବ ଦେଇଥିଲା। କିନ୍ତୁ ଏଥିରେ ଝିଅ ଘର ଲୋକେ ସହମତି ପ୍ରକାଶ କରି ନ ଥିଲେ। ଫଳରେ ଡମ୍ବରୁ ଓ ତାଙ୍କ ସମ୍ପର୍କୀୟ ଭାଇ ଯୋଗୀ ମିଶି ବହୁଦିନ ପୂର୍ବେ ଅର୍ଥାତ ୨୦୧୯ରେ ବାଇନାଥଙ୍କୁ ମାଡ ମାରିବା ସହ ତାଗିଦ କରିଥିଲେ। ଏହାପରେ ବାଇନାଥ ସୁରତ ଚାଲିଯାଇଥିଲେ। ଇତିମଧ୍ୟରେ ଝିଅର ବିବାହ ଠିକ ହେବାପରେ ବାଇନାଥ କିଛିଦିନ ପୂର୍ବେ ଗାଁକୁ ଫେରିଥିଲେ। ଏବଂ ସେ ଏକତରଫା ଭଲ ପାଉଥିବା ଝିଅକୁ ଅନ୍ୟତ୍ର ବିବାହ ପାଇଁ ସ୍ଥିର ହୋଇଥିବା ଜାଣି ବାଇନାଥ ଚିନ୍ତିତ ଥିଲେ। ଯାହାର ପ୍ରତିଶୋଧ ନେବାପାଇଁ ସେ ସୁଯୋଗ ଉଣ୍ଡି ବସିଥିଲା। ରବିବାର



ସନ୍ଧ୍ୟାରେ ଡମ୍ବରୁ ଗାଁ ପୋଖରୀକୁ ଶୌଚପାଇଁ ଯାଇଥିଲେ। ଏତିକିବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ବାଇନାଥ ଓ ଅନ୍ୟ ଅଭିଯୁକ୍ତମାନେ ଡମ୍ବରୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଦୀର୍ଘ ସମୟ ଧରି ଡମ୍ବରୁ ଘରକୁ ନଫେରିବାରୁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ପୋଖରୀ ନିକଟରୁ ତାଙ୍କ କ୍ଷତ ବିକ୍ଷତ ଶବ ଉଦ୍ଧାର ହୋଇଥିଲା। ରାଇବନ୍ଧ ଗ୍ରାମନିବାସୀ ଅନ୍ୟ ସହଯୋଗୀ ତଥା ନିଜ ବାପା ଓ ଭାଇଙ୍କ ସହଯୋଗରେ ବାଇନାଥ ହିଁ ଡମ୍ବରୁଙ୍କୁ ମାରିଥିବା କହିଛନ୍ତି ବଡ଼ଗଡ଼ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା। ଘଟଣାରେ ୨ଜଣ ମୁଖ୍ୟ ଅଭିଯୁକ୍ତ ବାଇନାଥ ସ୍ୱାଇଁ, ବାଳକୃଷ୍ଣ ପ୍ରଧାନଙ୍କ ସହ ଅନ୍ୟ ୩ ଜଣ ସହଯୋଗୀ ରାଜା ସ୍ୱାଇଁ, ସନ୍ତୋଷ ଗୌଡ଼ ଓ ରତ୍ନାକର ଗୌଡ଼ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଓ ବାଇକକୁ ମଧ୍ୟ ପୁଲିସ ଜବତ କରିଛି। ତେବେ ଏକତରଫା ପ୍ରେମ ହିଁ ହତ୍ୟାକାଣ୍ଡର ମୂଳ କାରଣ ବୋଲି ପୁଲିସ କହିଛି।

**ସାନଖେମୁଣ୍ଡି ବ୍ଲକ୍ ପ୍ରଶାସନର ଅଜବ ନୀତି!**

## ସାମ୍ବାଦିକଙ୍କୁ ଅଫିସ ମନା; ପୋଷ୍ଟର୍ ଲଗାଇଲେ ବିଡିଓ



**ଗଣମାଧ୍ୟମର କଣ୍ଠରୋଧ ଉଦ୍ୟମକୁ ଚାରିଆଡ଼େ ନିନ୍ଦା**

ସାନଖେମୁଣ୍ଡି,୨୦ ।୧(ସମିସ)

ବିଭିନ୍ନ ସମୟରେ ଗଣମାଧ୍ୟମରେ କଣ୍ଠରୋଧ ହେଉଥିବା ଦେଖିବାକୁ ମିଳେ। ସାମ୍ବାଦିକଟିଏ ସମସ୍ତଙ୍କ ପାଇଁ ହେଲେ ସାମ୍ବାଦିକ ପାଇଁ କାହାର ଦରଦ ନଥିବା ମଧ୍ୟ କୁହାଯାଏ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଗତି କରୁଥିବା ସାମ୍ବାଦିକ ତଥା ଖବରଦାତାଙ୍କ ପାଇଁ ଦ୍ୱାର ବନ୍ଦ କରିବା ଭଳି ନୀତି ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ଚର୍ଚ୍ଚାର ବିଷୟହୋଇଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପରିସରକୁ ସାମ୍ବାଦିକଙ୍କୁ ମନା ନେଇ ଗୋଷ୍ଠି ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ପ୍ରତ୍ୟେକ ବିଭଗର ମୁଖ୍ୟଦ୍ୱାର ମୁହଁରେ ସାମ୍ବାଦିକଙ୍କୁ ପ୍ରବେଶ ନିଷେଦ୍ଧ ନେଇ ପୋଷ୍ଟର ଲଗାଇଛନ୍ତି। ସାନଖେମୁଣ୍ଡି ବ୍ଲକ ପ୍ରଶାସନ ଏଭଳି ପୋଷ୍ଟର ଲଗାଇବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନି। କାହିଁକି ଗୋଷ୍ଠି ଉନ୍ନୟନ ଅଧିକାରୀ ଏଭଳି ପଦକ୍ଷେପ ନେଲେ ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ସୋସିଆଲ ମିଡିଆରେ ସାନଖେମୁଣ୍ଡି ବ୍ଲକର ଦୁର୍ନିତି ବିଷୟରେ ଆଲେଚନା ହେଉଥିବା ବେଳେ ତାହା ଗଣମାଧ୍ୟମ ପ୍ରତିନିଧିଙ୍କ ନଜରକୁ ନ ଯିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଆଲୋଚନା ହେଉଛି। ପୂର୍ବରୁ ସାନଖେମୁଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବ୍ଲକ ପରିସରରୁକୁ ନ ଆସିବା ପାଇଁ ଧମକ ଦେଇଥିବା ନେଇ ସାଧାରଣରେ ଚର୍ଚ୍ଚା ମଧ୍ୟ ହୋଇଛି। ଏଭଳି ଘଟଣାକୁ ସାନଖେମୁଣ୍ଡି ପ୍ରେସ କ୍ଲବର ସଦସ୍ୟ ତୀବ୍ର ନିନ୍ଦା କରିଛନ୍ତି। ପାଟପୁର ଲୋକନଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଆଲୋଚନା କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସାନଖେମୁଣ୍ଡି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଯଦି ବ୍ଲକ ପରିସରରୁ ସାମ୍ବାଦିକ ପୋଷ୍ଟର ହଟା ନ ଯାଏ ଏବଂ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବେ ଗ୍ରହଣ ନକରାଯାଏ ତେବେ ବ୍ଲକ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଅହରହ ଆମରଣ ଅନସନ କରାଯିବ ନେଇ ଚେତାବନୀ ଦେଇଛନ୍ତି ପ୍ରେସ କ୍ଲବର ସଦସ୍ୟମାନେ। ଏନେଇ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ। ଏଣେ ଏହି ଘଟଣାକୁ ବିଭିନ୍ନ ଅଞ୍ଚଳର କାର୍ଯ୍ୟାରତ ସାମ୍ବାଦିକଙ୍କ ସମେତ ଜନ ପ୍ରତିନିଧି, ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି।

## ସିଟି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୦ ।୧(ସମିସ): ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ଅଧକ୍ଷା ଡ. ଅନୀତା କୁମାରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାରୂପେ ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଶିବପ୍ରୀୟ ଦାସ ଏବଂ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ସୁଶାନ୍ତ ଦାସ ମଞ୍ଚାସୀନ ଥିଲେ। ଅଧାପକ ସୁଦାମ ଚରଣ ବିଷୋୟୀ ଏବଂ ଅଧାପିକା ମଧୁସ୍ମିତା ପଟ୍ଟନାୟକଙ୍କ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିକଶିତ ଭାରତ-୨୦୪୭ ବିଷୟରେ ଭାରତର ବିକାଶ ସମ୍ପର୍କରେ ଏବଂ ଭାରତୀୟ ଯୁବସମାଜର କର୍ତ୍ତବ୍ୟ ସମ୍ପର୍କରେ ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଡ଼ ପାଢୀ ଓଡିଶାର ଗୌରବ ଓ




ବିଶ୍ୱ ଦରବାରରେ ଓଡିଶାବାସୀଙ୍କର ଆତ୍ମୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ମୁଖ୍ୟ ଅତିଥି ଡ.ସୁଶାନ୍ତ ଦାସ ନୂତନ ଶିକ୍ଷାନୀତିର ମାନ ସମ୍ପର୍କରେ କହିଥିଲେ। ପୂର୍ବତନ ଅଧକ୍ଷ ଡ.ଜ୍ୟୋତିନ୍ଦ୍ର କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ଅତୀତ ଗୌରବ ସମ୍ପର୍କରେ ଅବଗତ କରାଇଥିଲେ। ଏ ଅବସରରେ ବାର୍ଷୀକ କ୍ରୀଡା ପ୍ରତିଯୋଗିତାରେ ଏବଂ ସମସ୍ତ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଥିଲେ କୁନି ପ୍ରତିଭା ଶିବାଙ୍ଗୀ ପ୍ରଧାନ(ମାଙ୍କେ) ଓ ତାଙ୍କ ସହଯୋଗୀ ଆରୁଷି ସେଠି (ରାଧିକା) ଦୁହେଁ ନୃତ୍ୟ ପରିବେଷଣ କରି ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିଥିଲେ। ଅଧାପିକା ଡ.ମିନତୀ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିବା ସ୍ଥଳେ ଅଧାପିକା ଡ.ମନିଷା ପଟ୍ଟନାୟକ ପରିଚାଳନା କରିଥିଲେ। ଅଧାପକ ଲେଫନାନ୍ତି ମେଘନାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମ ପିଲାଙ୍କ ଅଭିଭାବକ ତାଲିମ ଶିବିର



ବୁଗୁଡ଼ା,୨୦ ।୧(ସମିସ): ବୁଗୁଡା ସରକାରୀ ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ପିଲାଙ୍କ ଅଭିଭାବକ ମାନଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ସିଆରସିସି କିରଣବାଳା ତ୍ରିପାଠୀ ଓ ପ୍ରଧାନ ଶିକ୍ଷୟିତ୍ରୀ ରାଜକୁମାରୀ ଦୋରା ଯୋଗଦେଇ ଭିନ୍ନକ୍ଷମ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ କମଳଲୋଚନ ପାଣିଗ୍ରାହୀ ଓ ଦିଲ୍ଲୀପ କୁମାର ଗନ୍ତାୟତ ପ୍ରମୁଖ ସାଧନ ଯୋଗ ଦେଇ ଅଭିଭାବକମାନଙ୍କୁ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ ଅନୁସାରେ ୨୧ ପ୍ରକାର ଭିନ୍ନକ୍ଷମକୁ ଚିହ୍ନଟକରଣ ପ୍ରକ୍ରିୟା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିରକୁ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ୍ ପଣ୍ଡା ପରିଚାଳନା କରିଥିବା ବେଳେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ମିଟୁ କୁମାର ଗୌଡ଼, ଦିପକ କୁମାର ସେଠୀ, ସୁଶାନ୍ତ କୁମାର ଗୌଡ଼ ଓ ଲକ୍ଷ୍ମଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା ପାରମ୍ପରିକ ଲୋକକଳା ସାଂସ୍କୃତିକ ସଂଘର ଅଧିବେଶନ

ଫିରିଙ୍ଗିଆ, ୨୦।୧ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ



ଜିଲ୍ଲା ପାରମ୍ପରିକ ଲୋକକଳା ସାଂସ୍କୃତିକ ସଂଘର ବାର୍ଷିକ ଅଧିବେଶନ ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ହୋଇଥିଲା। ଫିରିଙ୍ଗିଆର ଅଧିଷ୍ଠାତ୍ରୀ ଦେବି ମା ପୀତବଳିଙ୍କ ମୁଖ୍ୟ ପୂଜକ ସତ୍ୟନାରାୟଣ ଭୁକ୍ତାଙ୍କ ସହ ସଂଗଠକ ଚନ୍ଦ୍ରମୋହନ ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଅନିଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଳା ସଂସ୍କୃତି ସଙ୍ଘର ଉପସଭାପତି ଇନ୍ଦ୍ରଜିତ କହଁର, କୋଟଗଡ଼ ବ୍ଲକ ଉପସଭାପତି ରବୀନ୍ଦ୍ର କୁମାର ସାହୁ, କଣ୍ଠଶିଳ୍ପୀ ସୁମିତ୍ରା ସାହୁ, ଉଦୟଗିରି ବ୍ଲକର ବରିଷ୍ଠ କଳାକାର ସୁରେଶ ଦିଗାଲ, ଲୋଇସିଂର ସଂଗଠକ ପଞ୍ଚୁଦେବ ପ୍ରଧାନ, ଟିକାବାଲି ବ୍ଲକର ବରିଷ୍ଠ କଳାକାର ଦୁଃଶାସନ ପ୍ରଧାନ ଓ ରଙ୍ଗନାଥ ପ୍ରଧନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ। ଏଥିରେ କଳାକାର ଭତ୍ତା, ଗ୍ରାମାଞ୍ଚଳ ସ୍ତରରୁ କଳାକାରଙ୍କୁ କିଭଳି ଭାବରେ ସଂଗଠିତ କରାଯାଇପାରିବ ଓ ସେମାନଙ୍କୁ କିଭଳି ଭାବରେ ବିଭିନ୍ନ ସରକାରୀ ସୁବିଧା ମିଳିପାରିବ ସେନେଇ ଆଲୋଚନା ହୋଇଥିଲା। କଳାକାରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ବିନା ସୂଚନାରେ କଲ୍ୟାଣମଣ୍ଡପ ନିର୍ମାଣ

କାଶୀନଗର,୨୦।୧(ସମିସ)

ବିନା ଅନୁମତିରେ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ କଲ୍ୟାଣମଣ୍ଡପ ନିର୍ମାଣ କରାଯାଉଥିବା ଗଜପତି ଜିଲ୍ଲା କାଶୀନଗର ବ୍ଲକର ଶିଆଳି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବକୁ କେନ୍ଦ୍ର କରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଏହା ନିର୍ମାଣ ନିମନ୍ତେ ଆଦେଶ କରାଯାଇଥିଲା। ସରକାରଙ୍କ ଆଦେଶ ଅନୁଯାୟୀ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ତଥା ପାଞ୍ଚଶହ ଜଣଙ୍କ ପାଇଁ ୯୦ସେଣ୍ଟର ସ୍ଥାନ ଓ ତିନିଶହ ଲୋକଙ୍କ ନିମନ୍ତେ ୪୦ସେଣ୍ଟର ସ୍ଥାନରେ ଦୁଇଟି କଲ୍ୟାଣମଣ୍ଡନ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ବିଜ୍ଞାପିତ ଅଞ୍ଚଳ ପରିଷଦ ପରସରରେ ୯୦ସେଣ୍ଟର ସ୍ଥାନ ନଥିବା ଯୋଗୁ ଶିଆଳି ପଞ୍ଚାୟତ କଇଠପଦର ଗ୍ରାମ ନିକଟରେ ଗୋଟିଏ ଅନ୍ୟଟି କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ କରିବା ନେଇ ନିଷ୍ପତ୍ତି କରାଯାଇଥିଲା। ୪ କୋଟି ଅର୍ଥରେ ଦୁଇଟି କୋଠା ନିର୍ମାଣ ନିମନ୍ତେ ଆଦେଶ ହୋଇଥିବା ଜଣାପଡିଛି। ଶିଆଳି ପଞ୍ଚାୟତର ସ୍ଥାନରେ କୋଠା ନିର୍ମାଣ ନିମନ୍ତେ ୨୦୨୪ ଅକ୍ଟୋବରରେ ପଞ୍ଚାୟତକୁ ଏକ ଚିଠି କରାଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ କିଛି ଆପତ୍ତି ଥିଲେ ଚିଠି ଆଦେଶର ୧୫ଦିନ ମଧ୍ୟରେ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିପାରିବେ। ତହସିଲଦାରଙ୍କ ଦସ୍ତଖତରେ ଚିଠି ହୋଇଥିଲା। ହେଲେ ଜାନୁଆରୀ ମାସ ୧୬ତାରିଖରେ ପଞ୍ଚାୟତକୁ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ଆଦେଶପତ୍ର ଆସିଥିବା ନେଇ ଶିଆଳି ପଞ୍ଚାୟତ



**ଅଭିଯୋଗ କଲେ ପଞ୍ଚାୟତବାସୀ**

ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ରାଜସ୍ୱ ବିଭାଗ ପକ୍ଷରୁ ହୋଇଥିବା ଆଦେଶନାମା ଅକ୍ଟୋବର ମାସରେ ହୋଇଥିବା ବେଳେ ତିନିମାସ ପରେ ଯାଇ ପଞ୍ଚାୟତରେ ଦେବା କେତେ ଦୂର ଠିକ୍। ଅନ୍ୟ ପକ୍ଷରେ ଉକ୍ତ କଲ୍ୟାଣମଣ୍ଡପର ୭୦ଭାଗ କାମ ସରିଯାଇଥିବା ବେଳେ ପଞ୍ଚାୟତବାସୀଙ୍କ ଅଭିଯୋଗ ନ ନେଇ ବିନା ସୂଚନାରେ କିପରି ନିର୍ମାଣ କରାଯାଉଛି ବୋଲି ସାଧାରଣତଃ ପ୍ରଶ୍ନ ଉଠିଛି। ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରସ୍ତାବକୁ କିପରି ପଞ୍ଚାୟତ ଅଞ୍ଚଳରେ କରାଯାଉଛି ବୋଲି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରୁ ୪କିମି ଦୂରରେ ଏହି ନୂତନ କଲ୍ୟାଣ ମଣ୍ଡପ କୋଠା ନିର୍ମାଣ ଗ୍ରହଣୀୟ ନୁହେଁ ଓ ତାହା ବିଜ୍ଞାପିତ ଅଞ୍ଚଳ ପରିଷଦର ଲୋକଙ୍କ ବ୍ୟବହାରରେ ଆସିବ ନାହିଁ ବୋଲି ମତ ପ୍ରକାଶ ପାଉଛି। ଉକ୍ତ ଅଂଚଳରେ କୋଠା ନିର୍ମାଣ ନେଇ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଏମ ସୁଧାରାଣୀଙ୍କୁ ପଚାରିବାରୁ, ଉକ୍ତ କଲ୍ୟାଣମଣ୍ଡପ ନିର୍ମାଣ ନିମନ୍ତେ ତାଙ୍କ ମତ ଗ୍ରହଣ କରାଯାଇ ନ ଥିବା କହିଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦରେ ସରକାରୀ ସ୍ଥାନ ରହିଛି କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ ସଠିକ୍ ତଦନ୍ତ କଲେ ସ୍ଥାନ ଚିହ୍ନଟ କରିହେବ ବୋଲି ଅଧକ୍ଷା କହିଛନ୍ତି। ବର୍ତ୍ତମାନ ଶିଆଳି ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି ହୋଇଛି। ଯଦି ପଦକ୍ଷେପ ଗ୍ରହଣ କରା ନଯାଇ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୋମବାର ଏସମ୍ପର୍କରେ ସରପଞ୍ଚ ଓ ପଞ୍ଚାୟତବାସୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ତ୍ରିନାଥ ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଫିରିଙ୍ଗିଆ,୨୦।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଶଶୀପଦର ମଣ୍ଡପ ପ୍ରାଙ୍ଗଣରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମ ଯଜ୍ଞ ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ସୀମାଞ୍ଚଳ ପଣ୍ଡା ଅନୁଷ୍ଠାନିକ ଭାବରେ ଯଥାବିଧିଠ ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଯଜ୍ଞ ପରିଚାଳନା କମିଟି ସଭାପତି ପ୍ରମୋଦ ଖମାରିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶିପଦର ଗାଁର ଶୁକଦେବ କହଁର, ଗୌତମ ନାଗ, ରମେଶ କହଁର, ଜଗନ୍ନାଥ କହଁର, କର୍ଣ୍ଣ ଖମାରି, ହେମନ୍ତ ଖମାରି, କାମେଶ୍ୱର କହଁରଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ।

## ମଧୁସୂଦନ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି

ବ୍ରହ୍ମପୁର,୨୦ ।୧(ସମିସ): ଆକାଶବାଣୀର ଓଡ଼ିଶା ବାହାରେ ଅବସ୍ଥାପିତ ପ୍ରଥମ ଓଡ଼ିଆ ନିର୍ଦ୍ଦେଶକ ତଥା ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଫେବୃୟାରୀରେ ଅନୁଷ୍ଠିତ ହେବାକୁ ଜନ୍ମ ଶତବାର୍ଷିକୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅଶୋକନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଆକାଶବାଣୀ ପ୍ରତିଷ୍ଠା ୧୯୪୮ ମସିହାରେ ଆରମ୍ଭ ହେବା ଦିନଠାରୁ ସେଥିରେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଇଥିବା କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଚୁଡାନ୍ତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ପାଣିଗ୍ରାହୀଙ୍କ ପ୍ରତିଷ୍ଠିତ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନର କାର୍ଯ୍ୟାଳୟରେ କମିଟିର ମୁଖ୍ୟ ଆବାହକ ହୃଷୀକେଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଦୂର ପ୍ୟାରିସରୁ ଆସିଥିବା ଟ୍ରଷ୍ଟି ସୁହୃଦ ପାଣିଗ୍ରାହୀଙ୍କ ସମେତ ଟ୍ରଷ୍ଟି ତ୍ରିପତୀ ବାଲାଜୀ ପାତ୍ର, ସୁନୀଲ ପଟ୍ଟନାୟକ, ଡି. ସୋମୟା, ଡ. ପ୍ରବିର ଦାଶ, ଶ୍ରୀକାନ୍ତ ପାଢ଼ୀ, ଡ. ମିହିର ତ୍ରିପାଠୀ, ସୁଦୀପ୍ତା ପାଣିଗ୍ରାହୀ, ଭବାନୀ ଶଙ୍କର ମହାପାତ୍ର, ରବୀନ୍ଦ୍ର ଗୌଡ଼, ଭଗବାନ ମହାରଣା, କମଳା ପାତ୍ର, ସୋନାଲି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପୁସ୍ତକ "ଠିକ୍ ଦୁନିଆ' ଉନ୍ମୋଚନ କରାଯିବ।

